visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.126 Bhubaneswar Thursday June 30 2022 | ୨୫ତମ ବର୍ଷ ସଂଖ୍ୟା-୧୨୬ ଭୁବନେଶ୍ୱର, ଗୁରୁବାର, ଜୁନ ୩୦, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ସୁପ୍ରିମକୋର୍ଟ ଝଟକା ପରେ ଇସ୍ତଫା ଦେଲେ ଉଦ୍ଧବ ଠାକରେ

ମୁମ୍ବାଇ,୨୯।୬(ପି.ଏନ): ଆସ୍ଥା ଭୋଟର ସମ୍ମୁଖୀନ ହେବା ପୂର୍ବରୁ ହାର ମାନି ନେଇଛନ୍ତି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ। ଆଜି ସୁପ୍ରିମକୋର୍ଟ ଆସ୍ଥା ଭୋଟ ବା ଫ୍ଲୋର ଟେଷ୍ଟ ଉପରେ ରୋକ ଲଗାଇବାକୁ ମନା କରିବା କ୍ଷଣୀ ଉଦ୍ଧବ ଠାରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଏଥିସହ ସେ ମହାରାଷ୍ଟ୍ର ବିଧାନ ପରିଷଦରୁ ମଧ ଇସ୍ତଫା ଦେଇଛନ୍ତି। ସେ ଫେସବୁକ ଜରିଆରେ ରାଜ୍ୟବାସୀଙ୍କୁ ସମ୍ବୋଧନ କରି ପଦ ଛାଡୁଥିବା କଥା କହିଛନ୍ତି।ଉଦ୍ଧବ ଠାକରେଙ୍କ ଇସ୍ତଫା ସହ ମହାରାଷ୍ଟ୍ରରେ ଚାଲିଥିବା ମହା ବିକାଶ ଅଘାଡି(ଏମଭିଏ) ସରକାରର ପତନ ଘଟିଛି। ଏହି ମେଣ୍ଟ ସରକାରରେ ଶିବସେନା, ଏନସିପି ଓ କଂଗ୍ରେସ ରହିଥିଲେ। ତେବେ ଶିବସେନାର ୪୦ରୁ ଅଧିକ ବିଧାୟକ ବିଦ୍‌ରୋହ ଘୋଷଣା କରିବାକୁ ଏମଭିଏ ସରକାର ସଙ୍କଟ ମଧ୍ୟକୁ ଠେଲି ହୋଇ ଯାଇଥିଲା। ଏବେ ଏହି ସଙ୍କଟକୁ ଦୃଷ୍ଟିରେ ରଖି ଉଦ୍ଧବ ଠାକରେ ମୁଖ୍ୟମନ୍ତ୍ରୀ ପଦ ଛାଡି ଦେଇଛନ୍ତି।ଆଜି ମଧ୍ୟାହ୍ନରେ ରାଜ୍ୟପାଳ ଭଗତ ସିଂହ



କୋଶୟାରୀ ତାଙ୍କୁ ଗୁରୁବାର ଦିନ ୧୧.୦୫ ସୁଦ୍ଧା ବିଧାନସଭାରେ ସଂଖ୍ୟା ଗରିଷ୍ଠତାର ପ୍ରମାଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଶିବସେନାର ମୁଖ୍ୟ ସଚେତନ ସୁନୀଲ ପ୍ରଭୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ସୁପ୍ରିମକୋର୍ଟ ସବୁ ପକ୍ଷଙ୍କ ଯୁକ୍ତି ପ୍ରାୟ ୩ ଘଣ୍ଟା ୨୭ ମିନିଟ ଯାଏ ଶୁଣିବା ପରେ ଶିବସେନାର ଆବେଦନକୁ ଖାରଜ କରିଥିଲେ। ଏହାର ଅର୍ଥ ସୁପ୍ରିମକୋର୍ଟ ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ କାଏମ ରଖିଥିଲେ। ଏହି ରାୟ ପରେ ଶାସନ କରିବାକୁ ସଂଖ୍ୟା ହରାଇ ସାରିଥିବା ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଫେସବୁକରେ ଲାଇଭ ଆସି ରାଜ୍ୟବାସୀଙ୍କୁ ସମ୍ବୋଧନ କରିଥିଲେ। ଏହି ସମୟରେ ସେ କହିଛନ୍ତି, ସମର୍ଥନ ପାଇଁ ଏନସିପି ସୁପ୍ରିମୋ ଶରଦ ପାୱାର ଓ କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ସୋନିଆ ଗାନ୍ଧିଙ୍କୁ ଧନ୍ୟବାଦ। ଦୀର୍ଘ ଅଢ଼େଇ ବର୍ଷ କାଳ ସେମାନଙ୍କ ସମର୍ଥନରେ ଏମଭିଏ ସରକାର ରାଜ୍ୟରେ ଅନେକ ଭଲ କାମ କରିଛି। ତେବେ ନିଜ ଲୋକଙ୍କ ବିଦ୍‌ରୋହ ଯୋଗୁ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଉଛନ୍ତି।ଉଦ୍ଧବ କହିଛନ୍ତି, “ଆମେ ସୁପ୍ରିମକୋର୍ଟଙ୍କ ରାୟକୁ ସମ୍ମାନ କରୁଛୁ। ଗଣତନ୍ତ୍ରର ନିୟମ ପାଳନ ହେବା ଦରକାର। ଏନସିପି ଓ କଂଗ୍ରେସର ସବୁ ଲୋକଙ୍କୁ ମୁଁ ଧନ୍ୟବାଦ ଜଣାଉଛି। ଖରାପ ସମୟ ଆମ ସରକାରକୁ ଝଟକା ଦେଇଛି। ବିଦ୍‌ରୋହ ଘୋଷଣା କରିଥିବା ବିଧାୟକମାନଙ୍କୁ ସେମାନଙ୍କ ଇଚ୍ଛା ଅନୁସାରେ ସବୁ କିଛି ଦେଇଥିଲି। ହେଲେ ଏବେ ସେମାନେ ମୋତେ ଧୋକା ଦେଇଛନ୍ତି। ମୁଁ ଚାହୁଁନି ଶିବ ସୈନିକ ରାସ୍ତାକୁ ଓହ୍ଲାନ୍ତୁ।” ଫେସବୁକରେ ଇସ୍ତଫା ସମ୍ପର୍କରେ ଘୋଷଣା କରିବା ପରେ ଶ୍ରୀ ଠାକରେ ରାଜଭବନରେ ପହଞ୍ଚିଥିଲେ। ସେଠାରେ ସେ ତାଙ୍କ ଇସ୍ତଫା ପତ୍ର ରାଜ୍ୟପାଳଙ୍କୁ ହସ୍ତାନ୍ତର କରିଛନ୍ତି।ଅନ୍ୟପକ୍ଷରେ ବିଜେପି ସରକାର ଗଠନ କରିବାକୁ ତତ୍ପରତା ପ୍ରକାଶ କରିଛି। ଦେବେନ୍ଦ୍ର ଫଡନାଭିସଙ୍କ ନେତୃତ୍ୱରେ ବିଜେପି ବିଧାୟକମାନେ ହୋଟେଲ ତାଜ ପ୍ରେସିଡେଣ୍ଟରେ ବୈଠକ କରୁଛନ୍ତି। ଏହି ବୈଠକରେ ସମ୍ଭବତଃ ଫଡନାଭିସଙ୍କୁ ବିଧାୟକ ଦଳ ନେତା ଭାବେ ଚୟନ କରାଯାଇ ପାରେ। ସେ ବୈଠକ ପରେ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇ ପାରନ୍ତି।

## ବିଧାନସଭା ୬ ଘଂଟା ଚାଲିବ : ସର୍ବଦଳୀୟ ବୈଠକରେ ନିଷ୍ପତି

ଭୁବନେଶ୍ୱର,୨୯।୬(ପି.ଏନ): ଆଗାମୀ ୨ ତାରିଖରୁ ମୌସୁମୀ ଅଧିବେଶନରେ ପ୍ରତ୍ୟେକ ଦିନ ବିଧାନସଭାର ଗୃହ କାର୍ଯ୍ୟ ୫ ଘଂଟା ପରିବର୍ତେ ୬ ଘଂଟା ଯାଏ ଚାଲିବ । ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତି ଗ୍ରହଣ କରାଯାଇଛି । ସକାଳ ଅଧିବେଶନ ୧୦.୩୦ରୁ ୧.୩୦ ଓ ଅପରାହ୍ନ ଅଧିବେଶନ ୪ଟା ରୁ ୭ ପର୍ଯ୍ୟନ୍ତ ଚାଲିବ। ନେଇ ସର୍ବଦଳୀୟ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। କୋଭିଡ୍ ଦୃଷ୍ଟିରୁ ପୂର୍ବ ଅଧିବେଶଗୁଡ଼ିକରେ ଗୃହକାର୍ଯ୍ୟ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଚାଲୁଥିବାବେଳେ ବୈଠକର ନିଷ୍ପତି ଅନୁଯାୟୀ ଗୃହରେ ଆଲୋଚନା ପାଇଁ ଅପରାହ୍ନ ଅଧିବେଶନଗୁଡ଼ିକୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ବାଚସ୍ପତି କହିଛନ୍ତି। ବୈଠକରେ କରୋନା ସଂକ୍ରମଣ କମି ଥିବାରୁ ସ୍ୱାଭାବିକ ଭାବେ ଚାଲୁ ବୋଲି ପ୍ରସ୍ତାବ ଆସିଥିଲା। କିନ୍ତୁ ବାଚସ୍ପତି ଓ ସରକାରୀ ଦଳ କହିଲେ ବର୍ତମାନ କୋଭିଡ ବଢୁଥିବାରୁ ରିସ୍କ ନେଇ ହେବନି। ସେହିପରି ବୈଠକରେ ବିରୋଧୀ ବିଜେପି ଓ କଂଗ୍ରେସ ପକ୍ଷରୁ ସାମ୍ବାଦିକ ମାନଙ୍କୁ ଗୃହ କୁ ଛାଡ଼ିବାକୁ ଦାବି କରା ଯାଇଥିଲା । ସରକାର ଏହାକୁ ନେଇ ରାଜି ହେଲେ ନାହିଁ । ହେଲେ ଚୁଡାନ୍ତ ନିଷ୍ପତି ବାଚସ୍ପତି ନେବେ ବୋଲି ବୈଠକରେ ସୂଚନା ଦିଆଯାଇଛି । ବୈଠକରେ ଗୃହରେ ଗୁରୁତ୍ୱପୂର୍ଣ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହୁ ନ ଥିବାରୁ ବିରୋଧୀ ମାନଙ୍କ ପକ୍ଷରୁ ଉଦବେଗ ପ୍ରକାଶ କରାଯାଇଥିଲା । ତେଣୁ ଗୁରୁତ୍ୱପୂର୍ଣ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବାକୁ ଦାବି କରାଯାଇଥିବା ଜଣା ପଡିଛି ।ଏହି ବୈଠକରେ ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ, ବିଜେପି ବିଧାୟକ ଦଳର ଉପନେତା ବିଷ୍ଣୁଚରଣ ସେଠୀ ଓ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, କଂଗ୍ରେସ ଦଳର ନେତା ନରସିଂହ ମିଶ୍ର, ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଏବଂ ବିଧାୟକ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ରହି ବିଧାନସଭା ଅଧିବେଶନର ସୁପରିଚାଳନା ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଏହି ଅଧିବେଶନରେ ରାଜ୍ୟର ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ହୋଇ ପାରିତ ହେବା ସହ ଅନ୍ୟାନ୍ୟ ବିଷୟରେ ଆଲୋଚନା ହେବ । ଚଳିତ ଅଧିବେଶନର ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସଂପାଦନ କରିବା ପାଇଁ ବାଚସ୍ପତି ଶ୍ରୀ ଆରୁଖ ସବୁ ଦଳର ନେତୃମଣ୍ଡଳୀଙ୍କ ସହଯୋଗ କାମନା କରିଛନ୍ତି । ବୈଠକ ପ୍ରାରମ୍ଭରେ ବାଚସ୍ପତି ଶ୍ରୀ ଆରୁଖଙ୍କୁ ବିଜେପି ବିଧାୟକ ଦଳର ଉପନେତା ବିଷ୍ଣୁଚରଣ ସେଠୀ ଓ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଆସନ୍ତା ଜୁଲାଇ ୨ ତାରିଖରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହୋଇ ଅଗଷ୍ଟ ୪ ତାରିଖ ଯାଏଁ ଜାରି ରହିବ। ଚଳିତ ମୌସୁମୀ ଅଧିବେଶନରେ ସମୁଦାୟ ୨୪ଟି କାର୍ଯ୍ୟ ଦିବସ ରହିଛି।

## ଭକ୍ତଙ୍କୁ ନବଯୌବନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତି

ପୁରୀ, ୨୯ (ପି.ଏନ): ଦୀର୍ଘ ଦୁଇ ବର୍ଷ ପରେ ଚଳିତ ବର୍ଷ ଭକ୍ତଙ୍କୁ ଚତୁର୍ଦ୍ଧାମୂର୍ତିଙ୍କ ନବଯୌବନ ବେଶ ଦର୍ଶନର ସୁଯୋଗ ମିଳିଛି । ଲୋକାରଣ୍ୟ ହୋଇ ଉଠିଛି ଶ୍ରୀକ୍ଷେତ୍ର, ଚଳଚଂଚଳ ହୋଇ ଉଠିଛି ଶରଧାବାଲି ।୧୫ ଦିନର ଅନବସର ପରେ ଶ୍ରୀମନ୍ଦିରର ରତ୍ନସିଂହାସନ ଉପରେ ଆଜି ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତି । ଦର୍ଶନ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସକାଳ ୮ଟାରେ ତାଟି ଫିଟିବା ପରେ ପ୍ରଥମ ୧ ଘଂଟା ପରମାଣିକ ଦର୍ଶନ ପରେ ସକାଳ ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ୨ଟାରୁ ୩ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ । ସେହିପରି ସଂନ୍ଧ୍ୟା ୬ଟାରୁ ୬ଟା ୩୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ । ରାତି ୯ଟାରୁ ୧୦ଟା ୩୦ ଏବଂ ରାତି ୧୧ଟା ୩୦ରୁ ସାଢେ ୧୨ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହେବ । ସକାଳୁ ଠାକୁରଙ୍କ ନୀତିରେ ଘଂଟାଏ ବିଳମ୍ବ ହୋଇଥିବା ସୂଚନା ମିଳିଛି ।

## ଛତିଶଗଡ ରେ ନକ୍ସଲମାନେ ସରପଂଚଙ୍କୁ କଲେ ହତ୍ୟା

ରାୟପୁର/ ବିଜାପୁର ୨୯ (ପି.ଏନ): ନକ୍ସଲମାନେ ଛତିଶଗଡ ବିଜାପୁର ଜିଲ୍ଲାର ତୋୟନାର ଥାନା ଅଂଚଳର ମୋରମେଡ ସରପଂଚ ପତିରାମ କୁଡିୟମଙ୍କୁ ହତ୍ୟା କରିଛନ୍ତି। ଏସପି ପଙ୍କଜ ଶୁକ୍ଲା ବୁଧବାରଦିନ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଏହି ଘଟଣାର ଜାଂଚ କାର୍ଯ୍ୟ ଚାଲୁରହିଛି ।

## ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ : ୨୦୨୪ ପ୍ରସ୍ତୁତି ପାଇଁ ରାଜନୈତିକ ପ୍ରସ୍ତାବ ପାରିତ

ଭୁବନେଶ୍ୱର, ୨୯।୬(ପି.ଏନ): ବୁଧବାର ରାଜ୍ୟ ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ସମୀର ମହାନ୍ତି ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜନୈତିକ ପରିସ୍ଥିତି ସମ୍ପର୍କରେ ଆଲୋଚନା ହେବା ସହ ଆଗାମୀ ଦିନ ପାଇଁ ପାର୍ଟିର ରଣନୀତି ସମ୍ପର୍କରେ ବିଚାର ଆଲୋଚନା ହୋଇଛି । ରାଜ୍ୟରେ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ସହିତ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ ଲକ୍ଷ୍ୟରେ ୧୬ଟି ରାଜନୈତିକ ଚିଠା ପ୍ରସ୍ତାବ ଗୃହୀତ ସହିତ ଶେଷ ହୋଇଛି ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ। ଏଥି ସହିତ ଆଗାମୀ ତିନି ମାସ ଧରି ଦଳର ଷ୍ଟ୍ରାଟେଜି କଣ ରହିବ ସେ ନେଇ ଦଳର ନେତା ଓ ଅଧିକାରୀଙ୍କୁ ଦିଆଯାଇଛି ଗୁରୁମନ୍ତ୍ର। ବୈଠକ ପରେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି ମୋଦି ସରକାର ଓଡ଼ିଶା ଭଳି ରାଜ୍ୟର ବିକାଶ ପାଇଁ ଟ୍ରେଜେରି ଖୋଲି ଦେଇଛନ୍ତି। ରାଜ୍ୟକୁ ପର୍ଯ୍ୟାପ୍ତ ଟଙ୍କା ଯୋଗାଇ ଦେଉଛନ୍ତି। ମାତ୍ର ଯେଉଁ ଟଙ୍କା ଆସୁଛି ତାହା ଲୋକଙ୍କ ପାଖରେ ପହଂଚି ପାରୁ ନାହିଁ। ରାଜ୍ୟର ବିକାଶ କରିବା ଦିଗରେ ଓଡ଼ିଶା ସରକାର ବାଧକ ସାଜିଛନ୍ତି। ଗତ ୨୩ ବର୍ଷର ଏହି ସରକାରଙ୍କର କୌଣସି ଭିଜନ ନାହିଁ। ଓଡ଼ିଶାର ବିକାଶ ପ୍ରସଙ୍ଗ ବିଜୁ ଜନତା ଦଳର ଭିଜନ ନୁହେଁ, ବରଂ କଳେ ବଳେ କୌଶଳ କ୍ରମେ କ୍ଷମତାରେ ରହିବା ହେଉଛି ବିଜୁ ଜନତା ଦଳର ଲକ୍ଷ୍ୟ। ରାଜ୍ୟରେ ଦୁର୍ନୀତି ଚରମ ସୀମାରେ ପହଁଚିଛି। ଚାଷୀଙ୍କ ଆୟ ପ୍ରସଙ୍ଗରେ ତଳ ଆଡୁ ଦୁଇ ନମ୍ବରରେ ରହିଛି ଓଡ଼ିଶା। ସେହିଭଳି ପିଏମ କିସାନ ଯୋଜନାରେ ଓଡ଼ିଶାର ଚାଷୀ ଲାଭ ପାଇ ପାରୁନାହାଁନ୍ତି। ରାଜ୍ୟ ସରକାର ବାଧକ ସାଜିଛନ୍ତି। କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୦୦ ଟଙ୍କା ବଢ଼ାଇଲେ ହେଲେ ଓଡ଼ିଶାର ଚାଷୀ ତାହା ପାଉ ନାହାଁନ୍ତି। ଏଠି ମିଲର ଓ ସରକାରଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା ହେଉଛି। ପକ୍କା ଘର ଦଳୀୟ ଭିତିରେ ବଂଟା ଯାଉଛି।ସେ ଆହୁରି କହିଛନ୍ତି ଯେ, ୨୦୧୭ ପୂର୍ବରୁ ମହାନଦୀ ମହାନାଟକ ରଚିଥିଲା ବିଜେଡି। ନିର୍ବାଚନରେ ବିଜେପିକୁ ବଦନାମ କରିବା ପାଇଁ ଯୋଜନା କରିଥିଲା। ଆଉ ନିର୍ବାଚନ ସରିବା ପରେ ବିଜେଡି ଚୁପ। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ। ୫ ବର୍ଷରେ ୨୭ ହଜାର ଶିଶୁ ନିଖୋଜ ହୋଇଛନ୍ତି। ମମିତା ମେହେର, ପରି ଓ ମାହାଙ୍ଗା ଭଳି ଘଟଣାରେ ସରକାରଙ୍କ ମନ୍ତ୍ରୀ ମାନଙ୍କ ନାଁ ଆସିଲା ସରକାର ବହୁ ବିଳମ୍ବରେ କେବଳ ତାଙ୍କୁ ମନ୍ତ୍ରୀ ମଣ୍ଡଳୀରୁ ବାହାର କଲେ। ମାତ୍ର ସେହି ଘଟଣା ସେତିକିରେ ରହିଗଲା। ଏଭଳି ୧୬ ଟି ବଛା ବଛା ପ୍ରସଙ୍ଗକୁ ନେଇ ବିଜେପି ଆଗତ କରିଛି ରାଜନୈତିକ ଚିଠା ପ୍ରସ୍ତାବ। ଏସବୁ ପ୍ରସଙ୍ଗ ସହିତ ବିଜୁଳିର ଦର ବୃଦ୍ଧି, କୁପୋଷଣ, ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଘୋଟାଲା ଆଦି ପ୍ରସଙ୍ଗରେ ଏହି କାର୍ଯ୍ୟକାରିଣୀରେ ବିସ୍ତୃତ ଆଲୋଚନା ହୋଇଥିଲା। ବୁଧବାର ଭୁବନେଶ୍ୱର ଉପକଣ୍ଠ କୁରାଙ୍ଗ ଶାସନର ଏକ ଘରୋଇ ରିସର୍ଟରେ ଆୟୋଜିତ କାର୍ଯ୍ୟକାରିଣୀରେ ଦଳ ପକ୍ଷରୁ ଏହି ସୂଚନା ଦିଆଯାଇଛି।ସେହିପରି ବିଜେପି ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ୮ ବର୍ଷ କାର୍ଯ୍ୟକାଳ ଓଡ଼ିଶା ପାଇଁ ସୁବର୍ଣ୍ଣ ସମୟ। ଏହି ସମୟ ମଧ୍ୟରେ ସେବା, ସୁଶାସନ ଓ ଗରିବ କଲ୍ୟାଣର ପ୍ରୟୋଗ ଶାଳ ହୋଇଛି। ସାଢ଼େ ଚାରି କୋଟି ଓଡ଼ିଆ ଲୋକଙ୍କ ଆଶା ଆକାଂକ୍ଷାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂରଣ କରିଛନ୍ତି। ଜଣେ ଓଡ଼ିଆ ଆଦିବାସୀ ମହିଳାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ବାଛିଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ଅଗ୍ନୀବୀର ଯୋଜନା ଭଳି ନିଷ୍ପତ୍ତି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦିଆଯାଇଛି। ଏହା ବାଦ ଆକାଂକ୍ଷା ଜିଲ୍ଲା ତାଲିକାରେ ଓଡ଼ିଶାର ୧୦ ଜିଲ୍ଲା ସାମିଲ ହୋଇଛି। ଉଡାଣ ଯୋଜନାରେ ଜୟପୁର, ଝାରସୁଗୁଡା ଓ ରାଉରକେଲା ସହରକୁ ସାମିଲ କରାଯାଇଛି। ପିଏମ ଗତି ଯୋଜନାରେ ଓଡ଼ିଶାକୁ ପ୍ରାଧାନ୍ୟ ମିଳିଛି। ଭାରତ ମାଳା ଓ ସାଗର ମାଳା ପ୍ରକଳ୍ପ ଦ୍ୱାରା ଓଡ଼ିଶା ପର୍ଯ୍ୟଟନ ଓ ଅର୍ଥନୀତିର ବିକାଶ ଦିଗରେ ବଡ଼ ନିଷ୍ପତିନିଆଯାଇଛି। ଫନି, ଅମ୍ଫାନ, ହୁଡ୍‌ହୁଡ୍, ୟସ୍ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ଼ିଶା ସହିତ ଛିଡା ହୋଇଛନ୍ତି ମୋଦି ସରକାର। ଏଥି ସହିତ ୧୮୧୭ ମସିହାର ପାଇକ ବିଦ୍ରୋହକୁ ଜାତୀୟ ମାନ୍ୟତା ସହ ପାଠ୍ୟ ପୁସ୍ତକରେ ସାମିଲ, ଖୋର୍ଦ୍ଧା ବରୁଣେଇରେ ପାଇକ ସ୍ମାରକୀ ଶିଳାନ୍ୟାସ ଓ ୨୦୦ କୋଟିର ସହାୟତା ତଥା ୩ ଜଣ ଓଡ଼ିଆଙ୍କୁ ରାଜ୍ୟପାଳ ଦାୟିତ୍ୱ, ୫ ଜଣଙ୍କୁ କେନ୍ଦ୍ର ମନ୍ତ୍ରୀ ମଣ୍ଡଳରେ ସାମିଲ, ବହୁ ବିଶିଷ୍ଟ ଓଡ଼ିଆ ବ୍ୟକ୍ତି ବିଶେଷମାନଙ୍କୁ ମର୍ଯ୍ୟାଦା ଜନକ ସମ୍ମାନ ଓ ଦାୟିତ୍ୱ ପ୍ରଦାନ କରିଛନ୍ତି।

## ଦୁବାଇରେ ମିଳିଲା ଓଡିଶାକୁ ୨୧,୮୦୦ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି

ଭୁବନେଶ୍ୱର,୨୯।୬(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଦେଶ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଦୁବାଇରେ ଆୟୋଜିତ ‘ଓଡିଶା ଇନଭେଷ୍ଟର୍ସ ମିଟ’ କାର୍ଯ୍ୟକ୍ରମରେ ୨୧୮୦୦କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଓଡିଶା ସରକାରଙ୍କୁ ପ୍ରତିଶ୍ରୁତି ମିଳିଛି । ଦୁବାଇର ବିଜିନେସ୍ ବେ’ ସ୍ଥିତ ଓବରେଇ ହୋଟେଲରେ ଫିକ୍କି ସହଯୋଗରେ ଏହି ଇନଭେଷ୍ଟର୍ସ ମିଟ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟ ମୁଖ୍ୟ ସଚ୍ଚିବ, ଶିଳ୍ପ ସଚ୍ଚିବ ଓ ଓଡିଶାରେ ଶିଳ୍ପ ସ୍ଥାପନ କରିଥିବା ଅନେକ ଶିଳ୍ପପତି ସାମିଲ ହୋଇଥିବା ଜଣାପଡିଛି ।ମିଳିଥିବା ସୂଚନା ଅନୁସାରେ, ଦୁବାଇର ଏନବିଟିସି କୁଏତ କମ୍ପାନୀ ୫ହଜାର କୋଟି ଟଙ୍କା ନିବେଶ କରି ଓଡିଶାରେ ଏକ ସାର କାରଖାନା ନିର୍ମାଣ କରିବାର ପ୍ରତିଶ୍ରୁତି ଦେଇଛି । ଏହା ଦ୍ୱାରା ଓଡିଶାରେ ୪ହଜାର ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ସେହିପରି ଆବୁଧାବିସ୍ଥିତ ଟବ୍ରିଡ୍ ଗ୍ରୁପ୍ ଏକ ହଜାର ଟଙ୍କା। ଭୁବନେଶ୍ୱରର ଆଇସିଟି କ୍ୟାମ୍ପସରେ ନିବେଶ କରିବ । ସେହିପରି ଲୁଲୁ ଇଂଟରନ୍ୟାସନାଲ ସପିଂ ମଲ୍ ଓଡିଶାରେ ୧୫୦୦କୋଟି ଟଙ୍କା, ଆରବ ଇଣ୍ଡିଆ ସ୍ପାଇସେସ୍ ଏଲସିସି ୫୦କୋଟି ଟଙ୍କା, ଶୋଭା ରିୟଲିଟି ୫ହଜାର କୋଟି ଟଙ୍କା, ସରାଫ ଗ୍ରୁପ୍ ହିନ୍ଦ ଟର୍ମିନାଲ ୭୫୦କୋଟି ଟଙ୍କା, ହିନ୍ଦୁସ୍ତାନ ପୋର୍ଟସ ପ୍ରାଃ ଲିଃ ୮ହଜାର କୋଟି ଟଙ୍କା, ଟ୍ୱ ?ଂଟି ୧୪ ହୋଲ୍ଡିଙ୍ଗସ ୫୦୦କୋଟି




ଟଙ୍କା ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।ଆଜି ସକାଳେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦୁବାଇରେ ଓଡିଶା ଇନଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ସେଠାରେ ଉପସ୍ଥିତ ପ୍ରାୟ ୧୫୦ କମ୍ପାନୀର ପ୍ରତିନିଧିଙ୍କୁ ଓଡିଶାରେ ପୁଞ୍ଜିନିବେଶ ନିମନ୍ତେ ଆହ୍ୱାନ କରିଥିଲେ । ଓଡିଶାରେ ପୁଞ୍ଜିନିବେଶକାରୀଙ୍କ ପାଇଁ ମାହୋଲ୍ ଓ ଓଡିଶାରେ ଶିଳ୍ପ ଇକୋସିଷ୍ଟମ ସମ୍ପର୍କରେ ଏକ ପ୍ରେଜେଂଟେସନ କରାଯାଇଥିଲା ଓ ଓଡିଶାରେ ପୁଞ୍ଜିନିବେଶର ବ୍ୟାପକ ସମ୍ଭାବନା ଓ ସୁଯୋଗ ଉପରେ ଓଡିଶା ପକ୍ଷରୁ ଆଲୋକପାତ କରାଯାଇଥିଲା । କୋଭିଡ୍ ସତ୍ତ୍ୱେ ଓଡିଶା ସରକାର ଗତ ୨ବର୍ଷ ମଧ୍ୟରେ ପ୍ରାୟ ୫୦ ବିଲିୟନ୍ ଆମେରିକୀୟ ଡଲାର ଅର୍ଥାତ ୩.୭୫ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ଓଡିଶାର ଏହି ଇନଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମ ଦୁବାଇରେ ଅନୁଷ୍ଠିତ ହୋଇଥିଲେ ମଧ ଓଡିଶାରେ ଥିବା ବିଭିନ୍ନ କମ୍ପାନୀର ଏକ ଉଚ୍ଚସ୍ତରୀୟ ବ୍ୟବସାୟିକ ପ୍ରତିନିଧିମଣ୍ଡଳୀ ଏଥିରେ ସାମିଲ ହୋଇଛନ୍ତି । ଏହି ପ୍ରତିନିଧି ଦଳରେ ଫିକ୍କି ଉପସଭାପତି ତଥା ଇମ୍ଫା ପରିଚ୍ଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା, ଜେଏସଡବ୍ଲ୍ୟୁ ସିମେଂଟ ପରିଚ୍ଚାଳନା ନିର୍ଦ୍ଦେଶକ ପାର୍ଥ ଜିନ୍ଦଲ, ପାରାଦୀପ ଫସଫେଟ୍ ଲିଃର ଅଧକ୍ଷ ସରୋଜ ପୋଦ୍ଦାର, ହିଣ୍ଡାଲକୋ ପରିଚ୍ଚାଳନା ନିର୍ଦ୍ଦେଶକ ସତୀଶ ପାଇ, ଏଏମଏନଏସ ଇଣ୍ଡିଆ ସିଇଓ ଦିଲ୍ଲୀପ ଓମେନ, ବେଦାନ୍ତ ସିଇଓ ରାହୁଲ ଶର୍ମା, ଆଇଓସିଏଲ୍ ନିର୍ଦ୍ଦେଶକ ସୁଜୟ ଚୌଧୁରୀ, ଡିଏନ ହୋମସ ପରିଚ୍ଚାଳନା ନିର୍ଦ୍ଦେଶକ ଜଗଦୀଶ ନାଏକ, ବି-ୱାନ୍ ବିଜିନେସ ହାଉସ୍ ପରିଚ୍ଚାଳନା ନିର୍ଦ୍ଦେଶକ ଭବତୋଶ ସାହୁ, ଟାଟା ଷ୍ଟିଲ ଏସଇଜେଡ୍ ପରିଚ୍ଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ମଲ୍ଲିକ ଓ ଟାଟା ଷ୍ଟିଲ ଲିଃ ଉପସଭାପତି ଚାଣକ୍ୟ ଚୌଧୁରୀ ପ୍ରମୁଖ ସାମିଲ ହୋଇଥିଲେ।ଏହି ଇନଭେଷ୍ଟର୍ସ ମିଟରେ ମଧ୍ୟପ୍ରାଚ୍ୟ ଓ ଉତ୍ତର ଆଫ୍ରିକା ଅଂଚ୍ଚଳର ପୁଞ୍ଜିନିବେଶକଙ୍କୁ ଓଡିଶାରେ ପୁଞ୍ଜିନିବେଶ କରିବାକୁ ଆହ୍ୱାନ କରାଯାଇଥିଲା ।

## କର୍ଫ୍ୟୁ ମଧ୍ୟରେ ହେଲା କହ୍ନେୟାଲାଲଙ୍କ ଅନ୍ତିମ ସଂସ୍କାର

ଉଦୟପୁର, ୨୯ (ପି.ଏନ): ମଙ୍ଗଳବାର ଦିନ ଉଦୟପୁରର ଦାବତ-ଏ – ଇସଲାମ ସହ ଜଡ଼ିତ ଦୁଇଜଣ ଯୁବକଙ୍କ ଦ୍ୱାରା କହ୍ନେୟାଲାଲଙ୍କ ନିର୍ମମ ହତ୍ୟା ପରେ ସହରର ସାତୋଟି ପୋଲିସ ଷ୍ଟେସନରେ କର୍ଫ୍ୟୁ ସତ୍ୱେ ହଜାର ହଜାର ଲୋକ ବୁଧବାର ମୃତ ବ୍ୟକ୍ତିଙ୍କ ଶେଷ ରୀତିନୀତି ପାଇଁ ଏକାଠି ହୋଇଥିଲେ । ଜାତୀୟତାବାଦୀ ସ୍ଲୋଗାନ ଦେଇ ଯୁବକମାନେ ରାସ୍ତାରେ ପରିପୂର୍ଣ୍ଣ ହୋଇଥିଲେ । ରାସ୍ତାରେ କୌଣସି ଏକ ସ୍ଥାନରେ ଯୁବକମାନଙ୍କ ସହ ଯୁକ୍ତିତର୍କ ହୋଇଥିଲା । ମୋକ୍ଷଧାମରେ ମଧ୍ୟ ଅନ୍ତିମ ସଂସ୍କାର କିଛି ସମୟ ପାଇଁ ବନ୍ଦ ହୋଇଥିଲା । ସକାଳର ବନ୍ଦ ସମୟରେ ବିଭିନ୍ନ ପୋଲିସ ଷ୍ଟେସନରେ ଧରାଯାଇଥିବା ଯୁବକମାନଙ୍କୁ ମୁକ୍ତ କରିବା ପରେ ଶେଷ ରୀତିନୀତି କରାଯାଇଥିଲା । ଅନ୍ତିମ ସଂସ୍କାରରେ ବିଧାୟକ ଧର୍ମନାରାୟଣ ଯୋଶୀ, ଅମୃତ ମୀନା ଏବଂ ଦୀପ୍ତି କିରଣ ମାହେଶ୍ୱରୀ ମଧ୍ୟ ଉପସ୍ଥିତ ଥିଲେ ।ଏହି ସମୟ ମଧ୍ୟରେ ସେ କହିଛନ୍ତି ଯେ, ଏହି ସମ୍ପୂର୍ଣ୍ଣ ଘଟଣା ପୋଲିସର ବିଫଳତା । ଏତେ କଥାବାର୍ତା ହେଲା ଏବଂ ପୋଲିସର ଗୁପ୍ତଚର ବିଫଳ ହେଲା । ମୃତ ବ୍ୟକ୍ତି ମଧ୍ୟ ତାଙ୍କ ଜୀବନର ସୁରକ୍ଷା ମାଗିଥିଲେ ଏବଂ ସମାଧାନ ପାଇଁ ପୋଲସ ନିୟୋଜିତ ଥିଲା । ସେହି ଯୁବକମାନେ କିଏ, ସେମାନେ କଣ କରନ୍ତି, ସେମାନେ କେଉଁଠାରୁ ଆସିଛନ୍ତି ପୋଲିସ କିଛି ସମୟ ଜାଣିବାକୁ ପାଇଲା ନାହିଁ । ଘଟଣାର ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ପୋଲିସ ଉପରେ ରଖି ସେ କହିଛନ୍ତି ଯେ, ସମସ୍ତ ଦାୟିତ୍ୱବାନ ପୋଲିସ ଅଧିକାରୀଙ୍କୁ ହଟାଇବା ଉଚିତ୍ ।ଏହା ପରେ ବିଭିନ୍ନ ସ୍ଥାନରୁ ଯୁବକମାନେ ସମାଧି ପାଇଁ ଆରମ୍ଭ ହୋଇଥିବା ଯାତ୍ରାରେ ଯୋଗ ଦେଇଥିଲେ ଏବଂ ସଂଖ୍ୟା ବଢ଼ିବାରେ ଲାଗିଲା । ଯୁବକମାନେ ତୀବ୍ର ପ୍ରତିବାଦ କରି ପାରସ ତିରାହେ, ଉଦୟପୋଲ ଛକ, ସୁରଜପୋଲ ଛକ, ଡେଲିଗେଟ ଛକ ନିକଟରେ ସ୍ଲୋଗାନ ଦେଇଥିଲେ ।

## ଭାରତ – ସିଙ୍ଗାପୁର ବୁଝାମଣା ପତ୍ରକୁ କ୍ୟାବିନେଟ୍ ଅନୁମୋଦନ

ନୂଆଦିଲ୍ଲୀ, ୨୯।୬(ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ବୈଠକରେ ପ୍ରାଥମିକ କୃଷି ଋଣ ସମିତି (ପ୍ୟାକ୍ସ)ର କମ୍ପ୍ୟୁଟରୀକରଣ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଏହି ନିଷ୍ପତ୍ତି ପ୍ୟାକ୍ସଗୁଡ଼ିକର ଦକ୍ଷତା ବଢ଼ାଇବା ସହିତ ପରିଚାଳନାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆଣିବ । ପ୍ୟାକ୍ସଗୁଡ଼ିକର କାରବାରରେ ବିବିଧତା ଆସିବା ସହିତ ବିଭିନ୍ନ ଗତିବିଧି/ସେବା ଆରମ୍ଭ କରିବା କ୍ଷେତ୍ରରେ ସୁବିଧା ମିଳିବ । ଏହି ପ୍ରକଳ୍ପ ପାଇଁ ମୋଟ ୨୫୧୬ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ କରାଯାଇଛି । ଭାରତ ସରକାର ଏଥିରେ ୧୫୨୮ କୋଟି ଟଙ୍କା ଖର୍ଚ୍ଚ କରିବେ । ମୋଟ ୫ ବର୍ଷର ଅବଧି ମଧ୍ୟରେ ପ୍ରାୟ ୬୩ ହଜାର କାର୍ଯ୍ୟକ୍ଷମ ପ୍ୟାକ୍ସର କମ୍ପ୍ୟୁଟରୀକରଣ କରାଯିବ ।ଦେଶରେ ସ୍ୱଳ୍ପକାଳୀନ ସମବାୟ ଋଣ (ଏସଟିସିସି) ଯୋଗାଇ ଦେବାର ତ୍ରିସ୍ତରୀୟ ବ୍ୟବସ୍ଥାରେ ସବୁଠୁ ତୃଣମୂଳସ୍ତରରେ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ଗୁଡ଼ିକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି । ପ୍ରାୟ ୧୩ କୋଟି ଚାଷୀ ପ୍ୟାକ୍ସର ସଦସ୍ୟ ଭାବେ ସାମିଲ ରହିଛନ୍ତି ଏବଂ ଏମାନେ ଗ୍ରାମୀଣ ଅର୍ଥବ୍ୟବସ୍ଥାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାନ୍ତି । ଦେଶରେ ସବୁ ସଂସ୍ଥାଗୁଡ଼ିକ ଦ୍ୱାରା ଦିଆଯାଉଥିବା କେସିସି ଋଣ ମଧ୍ୟରେ ପ୍ୟାକ୍ସର ଭାଗ ୪୧ ପ୍ରତିଶତ (୩.୦୧ କୋଟି ଚାଷ) ହୋଇଥିବା ବେଳେ ପ୍ୟାକ୍ସ ମାଧ୍ୟମରେ ଏସବୁ କେସିସି ଋଣ ମଧ୍ୟରୁ ୯୫ ପ୍ରତିଶତ (୨.୯୫ କୋଟି ଚାଷୀ) କେବଳ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ଦିଆଯାଇଛି । ଅନ୍ୟ ଦୁଇଟି ସ୍ତର ଅର୍ଥାତ ରାଜ୍ୟ ସମବାୟ ବ୍ୟାଙ୍କ (ଏସଟିସିବି) ଏବଂ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ଡିସିସିବି)ଗୁଡ଼ିକୁ ପୂର୍ବରୁ ନାବାର୍ଡ ଦ୍ୱାରା ସ୍ୱୟଂଶାସିତ କରି ଦିଆଯାଇଛି । ଏମାନଙ୍କୁ କମନ୍ ବ୍ୟାଙ୍କିଙ୍ଗ ସଫ୍ଟୱେର ଅଧୀନକୁ ଅଣାଯାଇ ସାରିଛି ।ତେବେ, ଅଧିକାଂଶ ପ୍ୟାକ୍ସ ବର୍ତ୍ତମାନ ସୁଦ୍ଧା କମ୍ପ୍ୟୁଟରୀକୃତ ହୋଇନାହାନ୍ତି ଏବଂ ଏବେ ବି ହସ୍ତଚାଳିତ ପଦ୍ଧତିରେ କାର୍ଯ୍ୟ କରୁଛନ୍ତି, ଫଳରେ ଏସବୁର ପରିଚାଳନାରେ ଅକ୍ଷମତା ଏବଂ ଭରସାର ଅଭାବ ଦେଖା ଦେଇଛି । କେତେକ ରାଜ୍ୟରେ କିଛି ସ୍ଥାନରେ ପ୍ୟାକ୍ସଗୁଡ଼ିକୁ ଆଂଶିକ ଭାବେ କମ୍ପ୍ୟୁଟରୀକରଣ କରାଯାଇଛି । ତେବେ ସେମାନଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ସଫ୍ଟୱେରରେ କୌଣସି ସମାନତା ନାହିଁ ଏବଂ ଏଗୁଡ଼ିକ ଡିସିସିବି ଏବଂ ଏସଟିସିବି ସହ ଯୋଡ଼ି ହୋଇ ନାହାନ୍ତି । ସାରା ଦେଶରେ ପ୍ୟାକ୍ସଗୁଡ଼ିକର କମ୍ପ୍ୟୁଟରୀକରଣ ପାଇଁ କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହା ପ୍ରସ୍ତାବ ଦେଇଥିଲେ । କମ୍ପ୍ୟୁଟରୀକରଣ ହେବା ଦ୍ୱାରା ପ୍ୟାକ୍ସଗୁଡ଼ିକର ଦୈନନ୍ଦିନ କାର୍ଯ୍ୟ ଏକ ଜାତୀୟ ସ୍ତରର ପ୍ଲାଟଫର୍ମରେ ସାମିଲ ହୋଇପାରିବ । ପ୍ୟାକ୍ସଗୁଡ଼ିକର କମ୍ପ୍ୟୁଟରୀକରଣ ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଉଦ୍ଦେଶ୍ୟକୁ ପୂରଣ କରାଯାଇ ପାରିବ । ଚାଷୀ, ବିଶେଷ କରି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଦିଆଯାଉଥିବା ସେବା ଯୋଗାଣ ସୁଦୃଢ଼ ହେବ । ଏଥିସହିତ ସାର, ବିହନ ଆଦି ଇନପୁଟ ଯୋଗାଣ ବ୍ୟବସ୍ଥା ଭଳି ବିଭିନ୍ନ ପ୍ରକାର ସେବା ନିମନ୍ତେ ପ୍ୟାକ୍ସଗୁଡ଼ିକ ନୋଡାଲ ସେବା ବିତରଣ କେନ୍ଦ୍ର ଭାବେ କାର୍ଯ୍ୟ କରିପାରିବେ । ଏହି ପ୍ରକଳ୍ପ ଗ୍ରାମୀଣ କ୍ଷେତ୍ରରେ ଡିଜିଟାଲକରଣରେ ସୁଧାର ଆଣିବ । ବ୍ୟାଙ୍କ ଗତିବିଧି ସହିତ ଅଣବ୍ୟାଙ୍କିଙ୍ଗ ଗତିବିଧି କେନ୍ଦ୍ର ରୂପରେ ପ୍ୟାକ୍ସର ପ୍ରସାରକୁ ଉନ୍ନତ କରିବାରେ ସହାୟକ ହେବ । ଏଥିସହିତ ପ୍ୟାକ୍ସ ମାଧ୍ୟମରେ ଲାଗୁ କରାଯାଉଥିବା ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ଭାବେ ପ୍ୟାକ୍ସକୁ ନାମାଙ୍କନ କରିବା ଲାଗି ଡିସିସିବିଗୁଡ଼ିକ ସକ୍ଷମ ହୋଇପାରିବେ । ଏସବୁ ସେବାରେ ଋଣ ଏବଂ ଅନୁଦାନ ସାମିଲ ରହିଥାଏ । ଏହି ପଦକ୍ଷେପ ତୁରନ୍ତ ଋଣ ସମାଧାନ, ଅପେକ୍ଷାକୃତ କମ ହସ୍ତାନ୍ତର ଖର୍ଚ୍ଚ, ତୁରନ୍ତ ଅଡିଟ ଏବଂ ରାଜ୍ୟ ସମବାୟ ବ୍ୟାଙ୍କ ଓ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସହ ରହିଥିବା ପରିଶୋଧ ଓ ଆକାଉଣ୍ଟିଂ ସମ୍ବନ୍ଧୀୟ ଅସନ୍ତୁଳନ ଦୂର କରିବ । ଏହି ପ୍ରକଳ୍ପରେ ତଥ୍ୟ ସଂଗ୍ରହ, ସାଇବର ସୁରକ୍ଷା, ହାର୍ଡୱେର, ବର୍ତ୍ତମାନ ରେକର୍ଡର ଡିଜିଟାଲକରଣ, ରକ୍ଷଣାବେକ୍ଷଣ ଏବଂ ପ୍ରଶିକ୍ଷଣ ସମେତ କ୍ଲାଉଡ୍ ଆଧାରିତ ଏକୀକୃତ ସଫ୍ଟୱେର ଆଦିକୁ ମୁଖ୍ୟ ଉପାଦାନ ଭାବେ ସାମିଲ କରାଯାଇଛି । ସ୍ଥାନୀୟ ଭାଷାରେ ଏହି ସଫ୍ଟୱେର ବିକଶିତ କରାଯିବ ଏବଂ ରାଜ୍ୟର ଆବଶ୍ୟକତା ଅନୁସାରେ ଏହାକୁ ଅନୁକୂଳ କରିବା ଲାଗି ଏଥିରେ ସୁବିଧା ରହିବ । କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ପ୍ରକଳ୍ପ ପରିଚାଳନା ୟୁନିଟ୍ ପ୍ରତିଷ୍ଠା କରାଯିବ । ପ୍ରାୟ ୨୦୦ ପ୍ୟାକ୍ସର ସମୂହକୁ ନେଇ ଜିଲ୍ଲାସ୍ତରୀୟ ସହାୟତା ପ୍ରଦାନ କରାଯିବ । ଯେଉଁ ସବୁ ରାଜ୍ୟରେ ପ୍ୟାକ୍ସର କମ୍ପ୍ୟୁଟରୀକରଣ ସମ୍ପୂର୍ଣ୍ଣ ହୋଇସାରିଛି, ସେମାନଙ୍କ କ୍ଷେତ୍ରରେ ପ୍ରତି ପ୍ୟାକ୍ସକୁ ୫୦,୦୦୦ ଟଙ୍କାର ସହାୟତା ଦିଆଯିବ । ତେବେ ଏସବୁ ପ୍ୟାକ୍ସ ସହଭାଗୀ ସଫ୍ଟୱେର ସହିତ ଏକୀକୃତ ହେବା ଏବଂ ନୂଆ ପ୍ରଣାଳୀକୁ ଆପଣାଇବା ଜରୁରି । ସେମାନଙ୍କର ହାର୍ଡୱେର ଆବଶ୍ୟକ ମାର୍ଗଦର୍ଶିକାକୁ ପୂରଣ କରୁଥିବ ଏବଂ ସଫ୍ଟୱେର ୧ ଫେବୃଆରୀ, ୨୦୧୭ ଠାରୁ ଆରମ୍ଭ ହୋଇଥିବ ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତୃ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଦ୍ଧ୍ବଂ ସଂ ବଦଦ୍ଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ଜୁନ୍ ୩୦**

# ଶ୍ରୀମନ୍ଦିର ପରିକ୍ରମା ବିବାଦ



୨୦୧୯ ମସିହାରେ ଓଡିଶା ବିଧାନ ସଭାରେ ଶ୍ରୀମନ୍ଦିର ପରିକ୍ରମାର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ଶ୍ରୀକ୍ଷେତ୍ର ହେରିଟେଜ କରିଡର ପ୍ରୋଜେକ୍ଟ ନାମରେ ଗୋଟିଏ ବିଲ ସର୍ବସମ୍ମତିକ୍ରମେ ଗୃହିତ ହୋଇଗଲା । ଏଥିପାଇଁ ପ୍ରାୟ ୩୦୦୦ କୋଟିର ବିଶାଳ ଅର୍ଥର ବ୍ୟବସ୍ଥା ରହିଲା । କିଛିଦିନ ପରେ ମନ୍ଦିର ପରିଚାଳନା କମିଟି ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ବସି ଏହାକୁ ଅନୁମୋଦନ କଲେ । ପରେ ପରେ ମନ୍ଦିର ଚାରି ପାଖରେ ଥିବା ୭୫ ମିଟର ପର୍ଯ୍ୟନ୍ତ ସ୍ଥାନରେ ଥିବା ବାସଗୃହ, ବ୍ୟବସାୟ ପ୍ରତିଷ୍ଠାନ, ମଠମାନଙ୍କୁ ବୁଲଡୋଜର ଲଗାଇ ଉଚ୍ଛେଦ କରାଗଲା ଓ ପ୍ରାୟ ୨୫୦ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରାଗଲା । ଏହି ଉଚ୍ଛେଦ ମେଘନାଦ ପାଚେରୀଠାରୁ ୭୫ ମିଟର ପର୍ଯ୍ୟନ୍ତ ହୋଇଥିଲା । ଆଶ୍ଚର୍ଯ୍ୟର କଥା, କୌଣସି ବିରୋଧିଦଳ ଅନେକ ପ୍ରାଚୀନ ମଠ ଯଥା: ମଙ୍ଗୁ ମଠ, ବଡ ଆଖଡା ମଠ, ଜଗନ୍ନାଥବଲ୍ଲଭ ମଠ, ଏମାର ମଠ (ରଘୁନନ୍ଦନ ପାଠାଗାର ସମେତ), ଯେଉଁମାନଙ୍କ ପଛରେ ହଜାର ବର୍ଷର ଐତିହ୍ୟ ଅଛି, ସେମାନଙ୍କୁ ଉଚ୍ଛେଦ ଅତି ତରବରିଆ ଭାବେ କରାଗଲେ ମଧ୍ୟ ପ୍ରତିବାଦ ନ କରି ଚୁପ ରହିଲେ । ସରକାର ଏହାର ସୁଯୋଗ ନେଇ ୨୦୨୧ ମସିହା ନଭେମ୍ବର ୨୪ ତାରିଖ ଦିନ କରିଡର ବିକାଶ କାର୍ଯ୍ୟର ଶୁଭାରମ୍ଭ କଲେ । ଏହି କାର୍ଯ୍ୟ ମଧ୍ୟରେ କରିଡରକୁ ୯ଟି



ଜୋନରେ ବିଭକ୍ତ କରି ଦୁଇଟି ପ୍ରଦକ୍ଷିଣ ମାର୍ଗ, ୭ ମିଟର ବଫର ଜୋନ, ଲାଣ୍ଡ ସ୍କେପ୍ସ ଜୋନ, ଗ୍ରିନ କରିଡର, ଆମେନିଟି ଜୋନ, ଟ୍ରାଫିକ ଜୋନ ଆଦିରେ ବିଭକ୍ତ କରାଗଲା । ପରିକ୍ରମାରେ ମହିଳା, ପୁରୁଷ. ସେବାୟତଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ, ପାନୀୟ ଜଳ ବ୍ୟବସ୍ଥା, ଜୋତା ଷ୍ଟାଣ୍ଡ, ୪୦୦ ପରିବାର ପାଇଁ କ୍ଲୋକରୁମ, ରିଫ୍ରେସମେଂଟ କେନ୍ଦ୍ର, ବହୁତଳ ପାର୍କିଙ୍ଗ କେନ୍ଦ୍ର, ୬୦୦ ଲୋକଙ୍କ ପାଇଁ ବିଶ୍ରାମ କକ୍ଷ (ପାଭାଲିଅନ), ୬୦୦୦ ଲୋକଙ୍କ ପାଇଁ ଧାଡି ବ୍ୟବସ୍ଥା, ସ୍ୱାସ୍ଥ୍ୟକେନ୍ଦ୍ର, ଦିବ୍ୟାଙ୍ଗଙ୍କ ପାଇଁ ସାହାଯ୍ୟ କେନ୍ଦ୍ର, ନୂତନ ପ୍ରଶାସନ ଅଫିସ୍, ପାଠାଗାର ଓ କଲଚରାଲ ଅଫିସ, ମ୍ୟୁଜିଅମର ବ୍ୟବସ୍ଥାମାନ ତିଆରି ଆରମ୍ଭ ହୋଇଯାଇଛି । ଏହି କାମର ଓଡିଶା ବ୍ରିଜ କରପୋରେସନ ଓ ଟାଟା ନିର୍ମାଣ ସଂସ୍ଥା ଦାୟିତ୍ୱ ନେଇଛନ୍ତି ।

ଜଗନ୍ନାଥ ମନ୍ଦିର ଭାରତର ହିନ୍ଦୁମାନଙ୍କର ଚାରିଧାମରୁ ଶ୍ରେଷ୍ଠ ଅଟେ । ଏଠାରେ ଦ୍ୱାଦଶ ଶତାବ୍ଦୀରେ ଗଙ୍ଗ ବଂଶ ରାଜା ଅନନ୍ତ ବର୍ମା ଚୋଡଗଙ୍ଗ ଦେବ ଓ ଅନଙ୍ଗଭୀମ ଦେବ ୨୩୧ ଫୁଟର ବର୍ତମାନର ମନ୍ଦିର ତିଆରି କରିଛନ୍ତି । ମନ୍ଦିର ଚାରିକଡରେ ୬୦୦ ଫୁଟ/୪୦-ଫୁଟର ୨୦ ଫୁଟ ଉଚ୍ଚ ୬ ଫୁଟ ମୋଟାର ପ୍ରସିଦ୍ଧ ମେଘନାଦ ପାଚେରୀ ଅଛି । ଚୁଡାରେ ୧୩ ଫୁଟ ଗୋଲାଇର ନୀଳଚକ୍ର, ପତିତପାବନ ବାନା ଉଡୁଚି ଯାହା ଭକ୍ତମାନଙ୍କର ଅତିପ୍ରିୟ ରହିଛି । ଏହାର ବଡଦାଣ୍ଡ, ବିଶାଳ ରଥ, ମହାପ୍ରସାଦ, ମହୋଦଧି, ଆନନ୍ଦବଜାର ଅନନ୍ୟ । ଏଭଳି ଶୃଂଖଳିତ ସେବା ଅନ୍ୟତ୍ର ଦେଖାଯାଏନି । ଇତିହାସରେ ବାରମ୍ବାର ମୁସଲମାନମାନେ ମନ୍ଦିର ଉପରେ ଆକ୍ରମଣ କରିଥିଲେ ମଧ୍ୟ ଭକ୍ତମାନେ ଏହାକୁ ସୁରକ୍ଷା ଦେଇ ରଖିପାରିଥିଲେ । କାଳକ୍ରମେ ମନ୍ଦିର ଜୀର୍ଣ୍ଣ ହେବାରୁ ପ୍ରତ୍ନତତ୍ୱ ବିଭାଗ ଏହାର ସୁରକ୍ଷା ଦାୟିତ୍ୱ ନେଇଛନ୍ତି । ବାରମ୍ବାର ପଥର ଖସୁଚି, ଫାଟ ଦେଖାଯାଉଚି । ଏହାର ଦାୟିତ୍ୱ ରହିଛି ଆର୍କେଲୋଜିକାଲ ସର୍ଭେ ଅଫ ଇଣ୍ଡିଆ (ASI) ଓ ମନୁମେଂଟ ଅଥୋରିଟି ଅଫ ଇଣ୍ଡିଆ (MNI) ହାତରେ । ସେମାନେ ଦୀର୍ଘଦିନ ହେଲା ମରାମତି କାମ କରୁଛନ୍ତି । ଏସବୁ ପ୍ରାଚୀନ କୀର୍ତି ଆମସାର ଆଇନ-୧୯୫୮ (Ancient Monument and Archeological Site and Remains) ଦ୍ୱାରା ପରିଚାଳିତ । କୀର୍ତିର ୧୦୦ ମିଟର ମଧ୍ୟରେ କୌଣସି ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ । ଏପରିକି ବେସରକାରୀ ସଂସ୍ଥା ମଧ୍ୟ ଏହି ଆଇନ ପରିସରକୁ ଆସିବେ ଯଦି ସେମାନେ କୋର ଜୋନରେ ଥିବେ । ପରବର୍ତୀ ୧୦୦ ମିଟର ମଧ୍ୟରେ ଏ.ଏସ.ଆଇ ଅନୁମତି ନେଇ ନିର୍ମାଣ ହୋଇପାରିବ । ଶୌଚାଳୟ, ସୁରକ୍ଷା ଘର, ଟିକେଟ ଘର, ଜୋତା ଷ୍ଟାଣ୍ଡ ଯାହା ଅତ୍ୟାବଶ୍ୟକ ବ୍ୟବସ୍ଥା, ସେଗୁଡିକ ଅନୁମତି ନେଇ ହାଲୁକା, ଅସ୍ଥାୟୀ, ପ୍ରି-ଫାବ୍ରିକେଟଡ ମେଟାଲ ବା ଉଡ ସିଟ ଦ୍ୱାରା ଭୂମିକୁ ସାମାନ୍ୟ ଖୋଳି ନିର୍ମାଣ କରାଯାଇପାରିବ । ଏ ବିଷୟରେ ଆଇନ ସ୍ପଷ୍ଟ ଅଛି । ରାଜ୍ୟ ସରକାର ଅସ୍ଥାୟୀ ଘର ପାଇଁ ଅନୁମତି ଆଣି ୩୦ ଫୁଟ ଖୋଳି ସ୍ଥାୟୀ ନିର୍ମାଣ କରିବାରୁ ସମସ୍ୟା ସୃଷ୍ଟି ହୋଇଛି । ଓଜନଦାର ମେସିନ କମ୍ପନ ସୃଷ୍ଟି କରି ମନ୍ଦିର ପାଇଁ ବିପଦ ସୃଷ୍ଟି କରିଛି । ଖାତମାନଙ୍କରେ ବାଲି ପୁରାଇ ଭିତିଭୂମିକୁ ଦୁର୍ବଳ କରାଯାଉଛି । ଅଗଣିତ ଭକ୍ତ ସେଥିପାଇଁ ମନ୍ଦିର ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛନ୍ତି ।

ଆମର ସରକାରୀ କର୍ମଚାରୀମାନେ ଅତି ସୁଧାର । ହଲିଲା ପାଣିରେ ଗୋଡ ବୁଡାନ୍ତି ନାହିଁ । ସବୁବେଳେ ଦୁଇ ଅର୍ଥ ରେ ଚିଠି ଲେଖନ୍ତି । ସାପ ମରିବନି କି ବାଡି ଭାଙ୍ଗିବନି । ତୁମେ ଯେପର୍ଯ୍ୟନ୍ତ ୧୯୫୮ ଆଇନ ଅନୁଯାୟୀ ନିର୍ମାଣ କରୁଚ ଆମର ଆପତି ନାହିଁ । ଏହିଭଳି ଚିଠି ପାଇ ରାଜ୍ୟ ସରକାର ତାହାକୁ ଏନ.ଓ.ସି. ବୋଲି ଦାବି କରୁଛନ୍ତି । ଏଏସଆଇବାଲା ଆଖିବୁଜି ବସିଛନ୍ତି । ସେମାନେ ତ’ ୧୯୫୮ ଆଇନ ମାନିବାକୁ କହିଛନ୍ତି । ତାଙ୍କର ଦୋଷ କିଛି ନାହିଁ । କେନ୍ଦ୍ର ସରକାରର ଆଗାମୀ ପ୍ରେସିଡେଂଟ ନିର୍ବାଚନରେ ବିଜେଡି ଭୋଟ ଉପରେ ଆଖି । ତେଣୁ ଏଏସଆଇକୁ ସୁନାପିଲା ପରି ଚୁପ ରହିବାକୁ କହିଛନ୍ତି । ବିରୋଧିଦଳବାଲା ରାସ୍ତାରେ ଟିକେ ଧ୍ୱନି ଦେଇଦେଲେ କାମ ଶେଷ । ନଇଲେ ସବୁ ଥାନାରେ ଏଫଆଇଆର ଦେବେ । ମୂଳରୁ ୧୦୦ ମିଟର ମଧ୍ୟରେ ନିର୍ମାଣ ଅନୁମତି ଦେବା କ୍ଷମତା ଏଏସଆଇର ନାହିଁ, ଅଥଚ ତା’ ଅନୁମତି ଖୋଜାଚାଲିଛି । “ମୂଳରୁ ମାଇପ ନାହିଁ, ପୁଅ ନା ଗୋପାଳିଆ” ଦେଲା ଭଳି ।

ମାମଲା ଏବେ ହାଇକୋର୍ଟ ପାଖରେ ଅଛି । ଆସେମ୍ବଲିରେ ଅନୁମୋଦିତ ହୋଇଛି । ବିରୋଧୀମାନେ ବି ସମର୍ଥନ ଦେଇଛନ୍ତି, ଗଜପତି ରାଜା ମଧ୍ୟ ସମର୍ଥନ ଦେଲେଣି । କୋର୍ଟ କେଉଁ ଆଧାରରେ ସ୍ଥିତାବସ୍ଥା ଆଦେଶ ଦେବ ? କାମ ଠିକ୍ ହେଉଛି କି ନାହିଁ କିଏ କହିବ ? ବିଶେଷଜ୍ଞ କମିଟି ମାଟି ଖୋଳି ଗହିର ମାପିବେ, ତା’ପରେ କୋର୍ଟ ଯାହା କରିବ । ରାଜ୍ୟ ସରକାର ଜବାବ ଦେବାକୁ ସମୟ ନେବେ । ଏସବୁ ଭିତରେ କାମ ସରିଯିବ । ପୁଣି ମାମଲା ହେବ, ତାକୁ ଭାଙ୍ଗିବାକୁ, ଯାହା ସମ୍ଭବ ନୁହେଁ । ରଥ ଯାତ୍ରା ଚାଲି ଆସିବ । “ନିଜର କୌପୁନି ପରକୁ ଦେଇ, ଶିବ ପଳାଇଲେ ଲଙ୍ଗଳା ହୋଇ ।” ବିଧାନସଭାରେ ସମର୍ଥନ ପୂର୍ବରୁ ସ୍ପଷ୍ଟୀକରଣ ମାଗିବା ଉଚିତ ଥିଲା । ଏବେ ଲୁଚି ଲୁଚି କାନ୍ଦୁଛନ୍ତି । ଏପରିକି ସାଂସଦ ଅପରାଜିତାଙ୍କ ପୁରୀ ଗସ୍ତକୁ ଦଳ ସମର୍ଥନ ଦେଇନାହିଁ । ଏସବୁ ନାଟକ ଦେଖି କାଳିଆ ହସୁଚି । ଜୟ ଜଗନ୍ନାଥ...!

**ଡାଃ ସୁରେନ୍ଦ୍ର ନାଥ ଦାଶ, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬**

# ସମନ୍ୱୟ ସଂସ୍କୃତିର ମୂଳପିଣ୍ଡ–ଜଗନ୍ନାଥ ସଂସ୍କୃତି

ଉମାଶଙ୍କର ପ୍ରସାଦ



ଉତ୍କଳୀୟ ସଂସ୍କୃତିର ଅନ୍ୟନାମ ଜଗନ୍ନାଥ ସଂସ୍କୃତି । ଏହି ସଂସ୍କୃତିର ଉଦାରତା ପାଇଁ ସେ ବିଶ୍ୱପ୍ରସିଦ୍ଧି ଲାଭ କରିଛି । ଶ୍ରୀଜଗନ୍ନାଥଙ୍କ ମନ୍ଦିର ସର୍ବଧର୍ମ ସମନ୍ୱୟର ମହାମିଳନ ପୀଠ ହୋଇପାରିଛି । ପରମାତ୍ମାଙ୍କ ଚିନ୍ତନ ଓ ଅର୍ଚ୍ଚନା ପାଇଁ ଏହା ବ୍ରାହ୍ମଣଠାରୁ ଚଣ୍ଡାଳ ପର୍ଯ୍ୟନ୍ତ ସମସ୍ତଙ୍କ ମୌଳିକ ଅଧିକାରକୁ ସ୍ୱୀକୃତି ପ୍ରଦାନ କରିଛି । ଜଗନ୍ନାଥ ହେଲେ ମହାନ ଭାରତୀୟ ଜାତୀୟତା ଓ ପରମ୍ପରାର ପ୍ରତୀକ । ସେଇ ପତିତପାବନ ଶାନ୍ତି, ମୈତ୍ରୀ, ଐକ୍ୟ, ସଂପ୍ରୀତି, ସହାବସ୍ଥାନ ପ୍ରଭୃତିର ମୂଳପିଣ୍ଡ । ଆବହମାନ କାଳରୁ ଏହା ସାମାଜିକ ସଦିଚ୍ଛା, ସମତା ଓ ସହନଶୀଳତାର ସ୍ମାରକୀ ଭାବରେ ରହିଛି । ସେ ହେଲେ ଏ ମହାନ ଆଦର୍ଶର ଉତ୍ସ । ପରମ୍ପରାର ପ୍ରତୀକ, ପାରିବାରିକ ସ୍ନେହ ମମତାର କେନ୍ଦ୍ରବିନ୍ଦୁ । ଖାଦ୍ୟପାନୀୟ, ବେଶଭୂଷା, ରୀତିନୀତି ପ୍ରଭୃତିର ଜୀବନ୍ତ ପ୍ରତୀକ । ସାମ୍ୟମୈତ୍ରୀ କରୁଣାର ଜୀବନ୍ତ ବିଗ୍ରହ ।

ଉତ୍କଳ ହେଉଛି ବୈଦିକ, ଅବୈଦିକ, ଦାର୍ଶନିକ, ଧର୍ମପ୍ରଚାରକ ସାଧୁସନ୍ଥମାନଙ୍କର ସ୍ୱ ସ୍ୱ ମତବାଦ ପ୍ରଚାରର ମିଳନ କ୍ଷେତ୍ର । ଏମାନେ ସମସ୍ତେ ପୁରୁଷୋତମ କ୍ଷେତ୍ରକୁ ଆସି ସ୍ୱ ସ୍ୱ ମତବାଦ ପ୍ରଚାର କରିଯାଇଛନ୍ତି । ଶ୍ରୀଜଗନ୍ନାଥ ଏକରେ ଅନେକ ଓ ଅନେକରେ ଏକ ଭାବେ ଯୁଗ ଯୁଗ ଧରି ବିରାଜିତ ହୋଇ ରହିଅଛନ୍ତି । (Dr. M. Mansingh- History of Oriya Literature) । ଏଇ ଉଦାର ଧର୍ମ ଭାବର ପ୍ରଭାବ ଉତ୍କଳୀୟ ଜନଜୀବନକୁ ଗଭୀର ଭାବେ ପ୍ରଭାବିତ କରି ସେମାନଙ୍କୁ ଉଦାର ସହିଷ୍ଣୁ ତଥା ମାନବଧର୍ମୀ କରାଇ ଗୌରବ ବୃଦ୍ଧି କରାଇଛି ।

ଉତ୍କଳୀୟ ସଂସ୍କୃତି ସମ୍ପର୍କରେ ପଣ୍ଡିତ ଗୋପବନ୍ଧୁ ଦାଶଙ୍କର ଅଭିମତ ହେଲା-“ଜାତୀୟ ମମତା ବିଶ୍ୱଜନ ପ୍ରୀତି, ଉତ୍କଳବାସୀର ହେଉ ଏହା ନୀତି” । ତ୍ୟାଗ ଓ ସ୍ୱତନ୍ତ୍ର ପ୍ରେମର ଉଜ୍ଜ୍ୱଳ ଦୃଷ୍ଟାନ୍ତ ତାଙ୍କ କବିତାର ପ୍ରତି ଛତ୍ରେ ଦେଖାଯାଇଥାଏ । ତୁଙ୍ଗ ଆଦର୍ଶର ଗରିମାରେ ତାହା ଗରିୟାନ ।

*“ମିଶୁ ମୋର ଦେହ ଏ ଦେଶ ମାଟିରେ,*
*ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।*
*ସ୍ୱରାଜ୍ୟ ପଥରେ ଅଛି ଯେତେ ଗାଡ, ପୁରୁ*
*ତହିଁ ପଡ଼ି ମୋର ମାଂସ ହାଡ଼ ।”*

ଉତ୍କଳୀୟ କାଳଜୟୀ ଚିରନ୍ତନ ସଂସ୍କୃତିରେ ଏହା ହେଉଛି ମହନୀୟ ପରିପ୍ରକାଶ । ଆମକୁ ଏଇ ଭାବ ଓ ଭାବନାରେ ଉଦ୍‌ବୋଧିତ ହେବାକୁ ହେବ । ଏ ମହାନ୍ ସଂସ୍କୃତିକୁ ଚାରିକାନ୍ଥ ମଧରେ ଆବଦ୍ଧ କରି ରଖିଲେ ଚଳିବ ନାହିଁ । ବିଶ୍ୱର ଚତୁର୍ଦ୍ଦିଗରୁ ଯେଉଁ ମହାନ ଚିନ୍ତାମାନ ପ୍ରସାରିତ ହେଉଛି ତାହାକୁ ଏ ସଂସ୍କୃତି ସହ ସମନ୍ୱୟ କରିବାକୁ ହେବ । ପୁଣି ତାହାକୁ ବିବର୍ତିତ, ବିକଶିତ, ପରିବର୍ଦ୍ଧିତ କରାଇବାକୁ ହେବ । ତାହା ହେଲେ ଏ ସଂସ୍କୃତି ମହାନରୁ ଅଧିକ ମହାନ ହୋଇପାରିବ ।

ଶ୍ରୀଜଗନ୍ନାଥ ମନ୍ଦିରରେ ମହାପୁରୁଷ ଯୀଶୁ ରହିଥିବାର ଏକ ଐତିହାସିକ ବିବରଣୀ ରହିଛି । ସେ ରାଜଦଣ୍ଡକୁ ଏଡ଼ାଇବାକୁ ଯାଇ ବାରବର୍ଷ କାଳ ଅଜ୍ଞାତବାସ କରିବା ସମୟରେ ଶ୍ରୀଜଗନ୍ନାଥ ଧାମକୁ ଆସିଥିଲେ । ମନ୍ଦିର ମଧରେ ସେ ବହୁବାର ମହାପ୍ରସାଦ ସେବନ କରିଥିଲେ । ପ୍ରଭୁଙ୍କୁ ଦର୍ଶନ କରିବା ସହ ମାନବବାଦ ଦ୍ୱାରା ପ୍ରଭାବିତ ହୋଇଥିଲେ । Jesus was accepted as a pupil in the temple of jagannath for four years. (a) - M.S. Lavy. Aquirian - Gospel of Jesus the Chirist (b) The unknown life of Jesus - Nicolas Natto Vitech.

ନିକୋଲାସନୋ ଚେଭିଚ୍ ନାମକ ଋଷିୟ ସାମ୍ବାଦିକ କହିଛନ୍ତି ଯେ ଲଦାଖର ପ୍ରଧାନ ମଠ ହେମିସ୍ (Hemis), ସେଠାରେ ଥିବା ଦୁଇଗୋଟି ପୋଥି ସେ ଦେଖିଥିଲେ ଓ ତାହାକୁ ମୁଖ୍ୟ ଲାମା ପାଠ କରି ଶୁଣାଇ ଦେଇଥିଲେ । ତାହାକୁ ସେ ନିଜ ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି । ସେ ଲେଖିଛନ୍ତି, ସେ ଜଗନ୍ନାଥ ଧାମରେ ପହଞ୍ଚିବା ମାତ୍ରେ ସେଠାରେ ଥିବା ଶ୍ୱେତକାୟ ବ୍ରହ୍ମପୂଜକ (ବ୍ରାହ୍ମଣ) ତାଙ୍କୁ ଆଦରର ସହ ଗ୍ରହଣ କରିଥିଲେ । ସେଠାରେ ରହି ସେ ବେଦ ଅଧ୍ୟୟନ କରିଥିଲେ । ଲଦାଖର ଲାମା ତାଙ୍କୁ କହିଥିଲେ ପୋଥି ଦୁଇଟିର ମୂଳ ଗ୍ରନ୍ଥ ପାଲି ଭାଷାରେ ଲିଖିତ ଓ ତାହା ଲାସାରେ (Lhasa) ଥିବା ପ୍ରଧାନ ମଠରେ ରହିଛି । ଏହାପରେ ରାମକୃଷ୍ଣ ପରମହଂସଙ୍କର ଜଣେ ଉଚ୍ଚଶିକ୍ଷିତ ଶିଷ୍ୟ ନୋଟେଭିଚ୍‌ଙ୍କ ଗ୍ରନ୍ଥ ପାଠ କରି କାଶ୍ମୀର ଓ ତିବ୍ବତ ଯାଇ ଅନୁଶୀଳନ କରି ତାଙ୍କ କଥା ସମ୍ପୂର୍ଣ୍ଣ ସତ୍ୟ ବୋଲି ତାଙ୍କ 'Kasmir and Tibet'ରେ ଉଲ୍ଲେଖ କରିଛନ୍ତି ।

ଭାରତର ନାଥ ନାମାବଳୀରେ କୁହାଯାଇଛି ଈଶାନାଥ (Ishanatha) ନାମକ ଜଣେ ମହାପୁରୁଷ ଚଉଦ ବର୍ଷ ବୟସରେ ଭାରତବର୍ଷକୁ ଆସିଥିଲେ । ଏଠାରେ ଗୁରୁଙ୍କଠାରୁ ବିଦ୍ୟାଶିକ୍ଷା କରି ନିଜ ଦେଶକୁ ଫେରିଯାଇ ଧର୍ମଜ୍ଞାନ ପ୍ରଚାର କରିଥିଲେ । ସେ ସେଠାରେ କେତେକ ଖଳ ଚକ୍ରାନ୍ତକାରୀଙ୍କ ଶିକାର ହୋଇ କ୍ରୁଶବିଦ୍ଧ ହୋଇଥିଲେ । ମାତ୍ର ଭାରତରୁ ଶିକ୍ଷାଲାଭ କରିଥିବା ଯୋଗଶକ୍ତି ବଳରେ ସେ ମୃତ୍ୟୁମୁଖରୁ ରକ୍ଷା ପାଇଯାଇଥିଲେ । ଜର୍ମାନ ଗବେଷକ ହଲଜର କେରେଷ୍ଟନ (Holger Kersten) ଦର୍ଶାଇଛନ୍ତି । ନୋଟେଭିଚ୍ ଦର୍ଶାଉଥିବା ଘଟଣାର ଶେଷଭାଗ ବାଇବେଲର ଗସ୍‌ପେଲ ସହ ମିଳିଯାଉଛି ଓ ନାଥନାମାବଳୀରେ ଥିବା କଥା ମଧ ଯୀଶୁଙ୍କ ଜୀବନଚରିତ ସହ ମିଶିଯାଉଛି ।

୧୬୩୩ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡ ପରିବ୍ରାଜକ ଉଇଲିୟମ ବ୍ରୁଟନ ଓ କାର୍ଟରାଇଟ୍ ଉଭୟେ କମ୍ପାନୀ କାର୍ଯ୍ୟରେ ଓଡ଼ିଶାରେ ବାଣିଜ୍ୟ ପାଇଁ ଅନୁମତି ନିମନ୍ତେ ବାରବାଟୀ ଦୁର୍ଗରେ ମୋଗଲ ସୁବେଦାର ମହମ୍ମଦ ଆଗାଖାଁଙ୍କୁ ସାକ୍ଷାତ୍ କରି ଅନୁମତିପତ୍ର ପାଇଥିଲେ ଓ ପୁରୀ ଆସିଥିଲେ । ଆସିବା ବେଳେ ସେ ରାତ୍ରୀରେ ମାଧବ ନାମକ ମନ୍ଦିରରେ ଅବସ୍ଥାନ କରିଥିଲେ । (Lodgele allnight in a pagoda) ତା’ପରେ ସେ ପୁରୀରେ ପହଂଚି ଜଣେ ବ୍ରାହ୍ମଣଙ୍କ ଘରେ ଅବସ୍ଥାନ କରି ରହିଥିଲେ । (I went and there I lodged all the time of my stay there) ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍ ପରମାନନ୍ଦ ଆଚାର୍ଯ୍ୟ ଏ ସମ୍ପର୍କରେ ଲେଖିଛନ୍ତି- Bruton writes that he stayed in house of a Bramhin or priest at Puri and they were allowed to take shelter in a Hindu temple . It seems that in the 17th century the Hindus used to entertain non Hindus in their temple (The Orissa Historical Research Journal - Vol. x No. 3, 1961). ସେ ମନ୍ଦିରକୁ ଯାଉଥିଲେ । ଅବଢା ଭୋଜନ କରୁଥିଲେ । ସେ ଜଗନ୍ନାଥ ମନ୍ଦିର ମଧରେ ଥିବା ଫୁଲ ବଗିଚାରେ ଏତେ ସୁନ୍ଦର ଫୁଲ ଇଂଲଣ୍ଡ କିମ୍ବା ଅନ୍ୟ କୌଣସିଠାରେ ଦେଖି ନ ଥିଲେ । (For indeed they were vary rare flowers for colour such as I naver shaw in England) ସେ ଉତ୍କଳୀୟ ସୈନ୍ୟମାନଙ୍କ ବିଷୟରେ କହିଛନ୍ତି, ସେମାନେ ଉତମ ଅଶ୍ୱାରୋହଣ କରନ୍ତି । (they ride on goodly horses booted nand spurred: so like wise do their women) କନ୍ୟା ଓ ବଧୂମାନେ ସାମରିକ ପୋଷାକରେ ଅଶ୍ୱାରୋହଣ କରି ଭ୍ରମଣ କରିପାରୁଥିଲେ (ଚକ୍ରଧର ମହାପାତ୍ର - ଉତ୍କଳ ଇତିହାସ ଅଜ୍ଞାତ ଅଧ୍ୟାୟ) । ଏଥିରୁ ଜଣାଯାଏ ମହାରାଜ ନରସିଂହ ଦେବଙ୍କ ପର୍ଯ୍ୟନ୍ତ ସାମାଜିକ ସ୍ପର୍ଶ, ଘୃଣା, ଅସହିଷ୍ଣୁତା ଏ ସମାଜରେ ନ ଥିଲା । ବିଶେଷତଃ ପବିତ୍ର ଜଗନ୍ନାଥ ଧାମ ଏଥିରୁ ମୁକ୍ତ ଥିଲା । ବ୍ରୁଟନ ଜଣେ ବ୍ରାହ୍ମଣଙ୍କ ଘରେ ରହି ମନ୍ଦିର ବାହାର ଓ ଭିତର ବୁଲିପାରିଥିଲେ । ପ୍ରସାଦ ସେବନ କରିଥିଲେ । ସେତେବେଳେ ମନ୍ଦିରଗୁଡ଼ିକ ମାନବ ଜାତିର ଆଶ୍ରୟସ୍ଥଳ ହୋଇଥିଲା ।



ଅବଶ୍ୟ ଏବେ ଅବସ୍ଥାଚକ୍ରରେ ଏ କ୍ଷେତ୍ରରେ କିଛି କଳୁଷିତ ଭାବ ଅଙ୍କୁରିଛି ଲୋକଙ୍କ ମନରେ ପ୍ରବେଶ କଲାଣି । ସାଂପ୍ରଦାୟିକ ବିଦ୍ୱେଷ, ବିଶୃଙ୍ଖଳା, ରକ୍ତପାତ ଓ ଅମାନୁଷିକତା ଏ କ୍ଷେତ୍ରରେ ପ୍ରାୟତଃ ନ ଥିଲା । ସମଗ୍ର ବିଶ୍ୱକୁ ଏକ ପରିବାର ବୋଲି ପରିକଳ୍ପନା କରିବାରେ ଯେଉଁ ମାନସିକ ପ୍ରକ୍ରିୟା ଆବଶ୍ୟକ ତାହା ଏଇ ସମନ୍ୱୟ ସଂସ୍କୃତିରେ ସମ୍ଭବପର । ସମନ୍ୱୟର ଦେବତା ଜଗନ୍ନାଥଙ୍କଠାରେ ପଂଚ ଦେବତାଙ୍କୁ ଆରୋପ କରାଯାଇ କୁହାଯାଇଛି:-

ଜଗନ୍ନାଥ ସ୍ୱୟଂ ବିଷ୍ଣୁ ବଳଦେବ ତ୍ରିଲୋଚନ
ଉଦ୍ରାଦେବୀ ପରା ସାକ୍ଷାତ୍ ମାଧବ ଗଣଦୈବତଃ
ଚକ୍ର ତେଜୋମୟ ସୂର୍ଯ୍ୟ ପଂଚଦେବ ସ୍ମରାମ୍ୟହଂ ।

ଏହି ସର୍ବଧର୍ମର ପ୍ରତୀକ ଗଣଦେବତାଙ୍କଠାରେ ବିଶ୍ୱ ଧର୍ମ ଭାବନାର ସମସ୍ତ ତତ୍ତ୍ୱ ଏପରି ସମନ୍ୱୟ ହୋଇଛି ଯେ ତା’ର ପଟାନ୍ତର ମିଳିବା କଠିନ । ଅଶେଷ ଆଦାନ ପ୍ରଦାନର ପାରମ୍ପରିକ ବିକ୍ଷୋଭ ଭିତରେ ଏ ଆହରଣ ହେଉଛି ଓଡ଼ିଆର ସ୍ୱଚ୍ଛ ଇତିହାସ କାଳରେ ବାହାରରୁ ଧ୍ୱଂସ ଓ ଆତ୍ମରକ୍ଷାର ଶତ ଦୈନ୍ୟ ଭିତରେ କଳିଙ୍ଗ ସଭ୍ୟତାର ଏ ବିଶାଳତା, ଏ ବଳିଷ୍ଠତା, ଏ ମୌଳିକତା ଓ ଆହରଣପରତାକୁ ଦେଖିବାର ଅଛି । ଏ ପରା ବଳିଷ୍ଠ ମୌଳିକତା, ଏ ପରା କୀର୍ତି, ଏ ପରା ସମ୍ପଦ, ଭାରତର ଆଉ କାହାର ଅଛି ? ଇତିହାସରେ ନାଇ, ଧର୍ମରେ ନାଇ, ସାହିତ୍ୟରେ ନାଇ ଚଳଣିରେ ନାଇ (ପଣ୍ଡିତ ନୀଳକଂଠ ଦାସ - ଓଡ଼ିଆ ସାହିତ୍ୟର କ୍ରମପରିଣାମ, ପୃ୧୭୦-୧୭୧) ।

ବେଦବାଦୀଙ୍କ ମତରେ ସେ ହେଲେ ପବିତ୍ର ଓଁକାର, ଦେହବାଦୀଙ୍କ ମତରେ ସେ ହେଲେ ପ୍ରଣବ (ଭୂଃ, ଭୁବଃ, ସ୍ୱଃ), ବୌଦ୍ଧ ମତରେ ତ୍ରିରତ୍ନ (ବୁଦ୍ଧ, ଧର୍ମ, ସଂଘ) ଯୋଗବାଦୀଙ୍କ ମତରେ ଇଡ଼ା, ପିଙ୍ଗଳା, ସୁଷୁମ୍ନା । ଶୈବ ଗାଣପତ୍ୟ ମତରେ ଶିବ ପାର୍ବତୀ, ଗଣେଶ । ଶାକ୍ତ ମତରେ ମହାକାଳୀ, ମହାସରସ୍ୱତୀ ଓ ମହାଲକ୍ଷ୍ମୀ । ତନ୍ତ୍ର ମତେ ଭୈରବୀ ମହାକାଳୀ । ଉତର ସାଧକ ଗୁଣ ମତରେ ସତ, ରଜ, ତମ । ଜ୍ଞାନ ମତରେ ସେ ହେଲେ ଚତୁଃବ୍ୟୂହ (ବାସୁଦେବ, ଶଂକର୍ଷଣ, ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧ) । ମାତ୍ର ସର୍ବସାଧାରଣରେ ସେ ହେଲେ ଜଗନ୍ନାଥ ବଳଭଦ୍ର ସୁଭଦ୍ରା (ବୃନ୍ଦାବନ ଦାସ - କ୍ଷେତ୍ରରାଜ ଶ୍ରୀ ପୁରୁଷୋତମ-ଜଗନ୍ନାଥ ପତ୍ରିକା ୧୯୮୨ ଦ୍ୱିତୀୟ ବର୍ଷ ୧ମ ସଂଖ୍ୟା) । ସମନ୍ୱୟ କ୍ଷେତ୍ର ପୁରୀ ଆଖପାଖରେ ଗୋଟିଏ ଆଶୀର୍ବାଦାତ୍ମକ ଶ୍ଳୋକ ବ୍ୟାପକ ଭାବରେ ଆବୃତି କରାଯାଏ । ସେଥିରେ କୁହାଯାଇଛି, ଯାହାଙ୍କୁ ଶୈବମାନେ ଶିବ ଭାବରେ, ବେଦାନ୍ତିମାନେ ବ୍ରହ୍ମ ଭାବରେ, ବୌଦ୍ଧମାନେ ବୁଦ୍ଧ ଭାବରେ, ନୈୟାୟିକାମାନେ କର୍ତା ଭାବରେ, ଜୈନମାନେ ଅହତି ଭାବରେ, ମୀମାଂସାକମାନେ କର୍ମ ଭାବରେ, ଅର୍ଚ୍ଚନା କରନ୍ତି ସେହି ତୈଲୋକ୍ୟନାଥ ହରି ତୁମ୍ଭଙ୍କୁ ବାଂଛିତ ଫଳ ପ୍ରଦାନ କରିବେ ।

*“ଯଂଶୈବାଃ ସମୁପାସତେ ଶିବ ଇତି ବ୍ରହ୍ମେତି ବେଦାନ୍ତିନୋ/ବୌଦ୍ଧବୁଦ୍ଧଇତି ପ୍ରମାଣ ପଟବଃ କର୍ତେତି ନୈୟାୟିକାଃ/ଅର୍ହନିତ୍ୟଥ ଜୈନଶାସନରତା କର୍ମେତି ମୀମାଂସକାଃ/ସଅୟଂବୋ ବିଦଧାତୁ ବାଂଛିତଫଳଂ ତ୍ରୈଲୋକ୍ୟନାଥ ହରିଃ ।”*

ଏହି ଉଦାରବାଦୀ ଧାର୍ମିକ ମତବାଦ ସମଗ୍ର ଉତ୍କଳୀୟ ଭୂଖଣ୍ଡରେ ତଥା ଏହାର ଧର୍ମ, ସାହିତ୍ୟ, ସଂସ୍କୃତି, ସ୍ଥାପତ୍ୟ, ଚିତ୍ର, ନୃତ୍ୟ, ସଂଗୀତ ପ୍ରଭୃତିରେ ଧାରଣ କରିଆସିଛି ।

*-ସଂପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨*

# ଆଦର୍ଶ

ଆଚରଣ ଓ ଉଚ୍ଚାରଣ
ଦାସେ

ଛୋଟ ଛୁଆବେଳେ ଯେବେ ବସ୍‌ରେ ବସି କଟକ ଯାଏ ଚଣ୍ଡିଖୋଲ ଆଡୁ ଶିଖରପୁରରୁ ଓ.ଏମ୍.ପି. ଆଡକୁ ଗୋଟେ ‘ଆଦର୍ଶ ମୋଟର୍ସ’ ବୋଲି ଦୋକାନଟିଏ ପଡେ ଡାହାଣ କଡେ । ନୂଆ ନୂଆ ଇଂରାଜୀ ଶିଖୁଥାଏ ବୋଲି ଇଂରାଜୀରେ ଆଦର୍ଶ ଲେଖାଯାଇଥିବା ବନାନ୍‌କୁ ଅଦାରସ ଅଦାରସ, ବୋଲି ପଢେ । କିଛିଦିନ ପରେ ଜାଣିଲି ଯେ ସେଟା ଅଦାରସ ନୁହଁ ଆଦର୍ଶ । ଏବେ ଅସଲ ଆଦର୍ଶ ଆଡକୁ ଯିବା ।

ଏଇ କେତେଦିନ ତଳେ ଏକ ସଭାକୁ ଯୋଗଦେବାକୁ ଯାଇ ଦେଖିଲି ମଂଚରେ ଲେଖାଯାଇଥିଲା-‘ଆଦର୍ଶ ପିତାମାତା ଦିବସ ।’ ଦେଖି ଭାବିଲି, ବିଭିନ୍ନ ପ୍ରକାର ଦିବସରୁ ଇଏ ମଧ ଗୋଟାଏ । ସଭା ଚାଲିଲା । ସଭାରେ ଆଦର୍ଶ ପିତାମାତଙ୍କୁ ପୁରସ୍କୃତ କରାଗଲା । ଯେଉଁମାନେ ପୁରସ୍କୃତ ହେଲେ ସେମାନେ ଆମ ସ୍ଥାନୀୟ ଲୋକ । ଚିହ୍ନାମୁହଁ । ସେମାନଙ୍କ ପାଠପଢା ଯୋଗ୍ୟତା ବହୁ କଷ୍ଟରେ ଦଶମ ପାସ୍, ସେ ପୁଣି ସିଧା କବାଟ ବାଟେ ନୁହେଁ, ଝରକା ବାଟେ ମାନେ ଟୋଲ ପରୀକ୍ଷାରେ । ଘରେ ସେମାନେ ନିଜ ପିତାମାତା ଓ ଶାଶୁଶ୍ୱଶୁରଙ୍କୁ ଖରାପ ବ୍ୟବହାର କରନ୍ତି, କିନ୍ତୁ ଅଲଗା ବାପାମା’ମାନଙ୍କ ପାଇଁ ସେମାନେ ଆଦର୍ଶ ପାଲଟିଯାଆନ୍ତି । ସଭାରେ ସଭାପତିତ୍ୱ ଯିଏ କରୁଥିଲେ ସିଏ ମଧ ଆମ ଏ ଅ□ଳର ଆଦର୍ଶ, ତାଙ୍କ ବିଷୟରେ ଯେତେ ବର୍ଣ୍ଣନା କଲେ ବି ତାହା ଅନାଦର୍ଶ ହୋଇଯିବ ବା କମ୍ ହେବ । ତଥାପି ପଦେ ଦୁଇପଦରେ ଶୁଣନ୍ତୁ ଇଏ ସଦାସର୍ବଦା ନିଜକୁ ବଡ ଭାବି ଅନ୍ୟମାନଙ୍କୁ ହୀନ ଦୃଷ୍ଟିରେ ଦେଖନ୍ତି । ରାଜନୀତିରେ ଏବେ ସେ ଏମିତି ପୋକ ହୋଇ ଏଭଳି ସ୍ତରରେ ପହଂଚିଲେଣି ଯେ, ଆଗାମୀ ଦିନରେ ଇଏ ଯଦି ୱାର୍ଡମେମ୍ବରରେ ଠିଆ ହେବେ ତେବେ ଭୋଟ ଖଣ୍ଡିଏ ହେଲେ ବି ପାଇବେନି ନିଶ୍ଚିତ । ମୁଖ୍ୟବକ୍ତା ଯିଏ ଥିଲେ ସେ ଜଣେ ଜମିଜମା ସମ୍ବନ୍ଧୀୟ ସାହେବ ଯିଏକି ୨୫ ହଜାର ଟଙ୍କା ମାସକୁ ବେତନ ପ୍ରାପ୍ତ ହେଲେ ମଧ ପ୍ରତ୍ୟେକ ଦିନ କିପରି ଦରମା ପଇସାକୁ ବାଦ୍ ଦେଇ ଉପୁରି ପଇସାରେ ଚଳିହେବ ସେ ଆଦର୍ଶରେ ଅନୁପ୍ରାଣିତ । ଭାଷଣ ପ୍ରସଙ୍ଗରେ ମୁଖ୍ୟବକ୍ତା କହିଲେ, ‘ଆଦର୍ଶ ପିତାମାତା’ଙ୍କ ଯୋଗୁଁ ଆଦର୍ଶ ସନ୍ତାନମାନେ ଏବେ ସମାଜରେ ବଡ ବଡ ମଙ୍ଗୁଆଳ ଭାବେ ଅବସ୍ଥାପିତ । ଭାବିଥିଲି ବୋଧେ କିଏ ବି ଜଣେ ହେଲେ ରାମକୃଷ୍ଣ, ଶାରଦା ଦେବୀ, ଶ୍ରବଣ କୁମାର କି ଜାତିର ପିତା ମହାତ୍ମାଗାନ୍ଧୀଙ୍କ କଥା ଉଦାହରଣ ଦେବେ ‘ଆଦର୍ଶ ପିତାମାତା’ ଦିବସରେ; ମାତ୍ର ତାହା ଏ କାନ ଶୁଣିଲା ନାହିଁ ।

ଶ୍ରୋତାଙ୍କ ଗହଣରେ ବସି ଲକ୍ଷ୍ୟ କଲି, ଶ୍ରୋତାମାନେ ଟୁପୁରୁ ଟାପୁରୁ ହେଉଥିଲେ ପୁରସ୍କାର ବିଷୟରେ, ଜଣେ କହିଲେ, “ନିର୍ଦ୍ଦିଷ୍ଟ ଗୋଟିଏ ଗାଆଁର ଦୁଇଜଣଙ୍କୁ କାହିଁକି ପୁରସ୍କୃତ କରାଗଲା ? ତାଙ୍କ ଛୁଆ ଶ୍ରେଣୀରେ ପ୍ରଥମ ହେଉଛି ନା ଶୀଘ୍ର ବିଦ୍ୟାଳୟକୁ ଆସୁଛି ନା ତାଙ୍କ ଗାଆଁରେ ବିଦ୍ୟାଳୟ ହୋଇଛି ନା ଏମାନେ ଏଠାରେ ପିଲା ପଢେଇବା ପାଇଁ ଯାଇ ଗ୍ରାମ ଗ୍ରାମ ବୁଲି ଲୋକଙ୍କୁ ବୁଝାଉଛନ୍ତି ?” ସଭା ଶେଷବେଳକୁ ମନୋରଞ୍ଜନ କାର୍ଯ୍ୟକ୍ରମ ଥିଲା ପିଲାମାନଙ୍କର ସଙ୍ଗୀତର ତାଳେ ତାଳେ ନାଚିଯିବା ହିନ୍ଦି କିମ୍ବା ଓଡିଆ ଆଧୁନିକ ଗୀତ ବୋଲି ବା ବାଜିବାକୁ ଶୁଣି । ବାପା ଠିଆ ହୋଇ ଦେଖୁଥାଏ ପୁଅ ଆଙ୍ଗୁଳି ଦେଖେଇ ନାଚୁଥାଏ- ‘ଏ ସୁନ୍ଦରୀ ଝିଅଟେ କିଏ ମୋ ହୋସ୍ ବୁଡେଇ ଦିଏ’ ଗୀତର ତାଳେ ତାଳେ । ଯେଉଁମାନେ ପୁରସ୍କୃତ ହେଲେ ସେମାନଙ୍କର ପିଲାମାନେ ବି କି ସୁନ୍ଦର ଡିଆଁ ଡେଇଁ କଲେ ମ□ରେ ! ରାତିରେ ଆଦର୍ଶ ପିତାମାତାମାନେ ନିଶ୍ଚିତ ନିଜ ଆଦର୍ଶ ପୁତ୍ର ଓ କନ୍ୟାଙ୍କ ଗୋଡ ମୋଡି ଦେଇଥିବେ ଶାଶୁ ଶ୍ୱଶୁରଙ୍କୁ ନ ମୋଡନ୍ତୁ ପଛେ !

ଏ ସବୁ ଦେଖି ଶୁଣି ବୁଝିଲି ଯେ ଏଭଳି ‘ଆଦର୍ଶ ପିତାମାତା ଦିବସ’ ପାଳନ କରିବାର ଉଦ୍ଦେଶ୍ୟ ଗୁଡାଏ ଅନାଦର୍ଶ ବ୍ୟକ୍ତିତ୍ୱଙ୍କୁ ନେଇ ଏଇଆ ହୋଇପାରେ ଯେ ଘରୁବାହାରୁ ଚରିଆଡୁ ତିରସ୍କୃତ ହେଲାପରେ ଏଇ ବ୍ୟକ୍ତିତ୍ୱମାନେ ନିଜକୁ ନିଜେ ପୁରସ୍କୃତ କରୁଛନ୍ତି ଗୁଡାଏ ତିରସ୍କୃତ ବ୍ୟକ୍ତିଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଅନୁଷ୍ଠାନ ଓ ମାଧମରେ । ଯେଉଁଠି ଘରେ ଘରେ ପାରିବାରିକ ଅଶାନ୍ତି ତା’ର ଲୀଳାଖେଳା ଜାରି ରଖିଛି ସେଠାରୁ ଆଦର୍ଶ ଆଶା କରିବା ବୋକାମୀ । ତଥାପି ଅନାଦର୍ଶର ବ୍ୟକ୍ତିତ୍ୱକୁ ଲୁଚେଇ ଆଦର୍ଶର ଖୋଳପା ପିନ୍ଧିବା ଏବେ ସାମାଜିକ ଚଳଣିରେ ଗଣତି ହେଉଛି । ବାପା ମା’ଙ୍କଠାରୁ ଦୂରରେ ରହି ପିଲାମାନଙ୍କୁ ମଣିଷ କରିବା ବାହାନାରେ ଆଜିର ଏ ଆଦର୍ଶ ଚରିତ୍ରମାନେ ଯେଉଁ ବିଷମଞ୍ଜି ବୁଣୁଛନ୍ତି, ତା’ର ବିଷାକ୍ତ ଜ୍ୱାଳା ସେହିମାନେ ହିଁ ଅନୁଭବ କରିବେ, ଯେବେ ସେମାନଙ୍କ ପିଲା ସେମାନଙ୍କୁ ସେହିଭଳି ହତାଦର କରିବେ । ଏହାଠାରୁ ଆଉ ବଡ ଆଦର୍ଶ କ’ଣ ଆଶା କରାଯାଇପାରେ ଆପଣମାନେ କୁହନ୍ତୁ ।

ଆଦର୍ଶ ବିଦ୍ୟାଳୟର ଚର୍ଚ୍ଚା ଏବେ ଚାରିଆଡ଼େ କେବଳ ଅନାଦର୍ଶ ଚରିତ୍ରମାନଙ୍କ ପାଇଁ । ବିଦ୍ୟାଳୟ ନାମ ସିନା ଆଦର୍ଶ; ମାତ୍ର ଚାକିରି ସେଠାରେ କରିବେ କେଉଁମାନେ ? ସେମାନେ ସୁବିଧାବାଦୀ ନା ଆଦର୍ଶବାଦୀ ? ଆଦର୍ଶବାଦୀଙ୍କ ଅଭାବ ଯୋଗୁଁ ସୁବିଧାବାଦୀଙ୍କ ସ୍ୱର୍ଗ ପାଲଟି ଯାଇଛି ସାରା ଦେଶ । ଛୋଟିଆ କଥାଟିଏ ଦେଖନ୍ତୁ । ପୁଅ ଦେଇଥିବା ଆଦର୍ଶ ବିଦ୍ୟାଳୟର ପରୀକ୍ଷା । ପରୀକ୍ଷା ଫଳାଫଳ ବାହାରିବା ଦିନ ଜଣେ ସମ୍ପର୍କୀୟକୁ ପଚାରିଲି, ‘ଟିକେ କେମିତି ଜାଣନ୍ତି ଆଦର୍ଶ ବିଦ୍ୟାଳୟର ଫଳାଫଳ ।’ ସେ କହିଲେ, ‘ଆଗରୁ କହିଲୁନି ?’ ଏକାଥରରେ ଉତ୍ତର ବୁଝିଲା ପରେ ଜାଣିଲି ଯେ, ଆଦର୍ଶ ବିଦ୍ୟାଳୟରେ ପଢ଼ିବା ପାଇଁ ମଧ ଅନାଦର୍ଶ ଉପାୟ ଅବଲମ୍ବନ କରାଯାଉଛି । ବିଧାୟକ, ସାଂସଦ ଓ ଦଳୀୟ ବତୀପେଲାଙ୍କ ପାଇଁ କିଛି ସ୍ଥାନ ଦଖଲ ପରେ ଏ.ଇ.ଓ.ଠାରୁ ଆରମ୍ଭ କରି ଜେଡ୍.ଇ.ଓ. ପର୍ଯ୍ୟନ୍ତ କର୍ମଚାରୀଙ୍କ ପସନ୍ଦର ପିଲା ପଢ଼ିବେ । ତେବେ ଏ ପରୀକ୍ଷା ପ୍ରହସନ କାହିଁକି ?

ଭାବୁଥିଲି ଅଦାରସ ତ’ ଯାହା ହେଲେ ଟିକେ ରାଗ ଲାଗୁଥିବ; ମାତ୍ର ଏ ଉପରୋକ୍ତ ଆଦର୍ଶଗୁଡ଼ିକ ଅନାଦର୍ଶରେ ଫେଂଟି ହୋଇ ଆଦର୍ଶର ହିଁ ନାମ ଗନ୍ଧ ନଥିଲା ଭଳି ଲାଗୁଛି । ଏଇତ ହିଁ ଆମ ଆଦର୍ଶର କାହାଣୀ । ଏହି କାହାଣୀ ଯଦି ଆଗକୁ ଏମିତି ବଢ଼ିଚାଲେ ତେବେ କେତେ କାହାଣୀ ଲେଖାଯିବ ତାହା ସମୟ କହିବ । ନା, କ’ଣ କହୁଛନ୍ତି ଆଜ୍ଞା ?

# ସମାଜ ଜୀବନ ଓ ଆଧ୍ୟାତ୍ମିକତା



ମାନବଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର । ମାନବଜାତିର କଲ୍ୟାଣ ପାଇଁ ସେ ବହୁ ଉପଦେଶ ଦେଇଯାଇଛନ୍ତି । ମଣିଷର ଜୀବନ ଈଶ୍ୱର ଓ ଅନ୍ୟମାନଙ୍କ ସେବା ଲାଗି ଉଦ୍ଦିଷ୍ଟ ବୋଲି ସେ କହୁଥିଲେ । ସମାଜ ସେବାରେ ହିଁ ମଣିଷ ଜୀବନର ସାର୍ଥକତା । ବୃକ୍ଷଲତା, ପଶୁପକ୍ଷୀ ଆଦି ସହଜାତ ଭାବେ କେବଳ ନିଜ ପାଇଁ ଜୀବନଧାରଣ କରନ୍ତି । ତଥାପି ମଣିଷ ସେମାନଙ୍କ ଦ୍ୱାରା ଉପକୃତ ହୁଏ । ନିଜ ଅଜାଣତରେ ସେମାନେ ମଣିଷର ଉପକାର କରିଥାଆନ୍ତି । ମଣିଷ ସ୍ଥାନ ସେମାନଙ୍କଠାରୁ ଉପରେ । ସେବା ପାଇଁ ମଣିଷର ଜନ୍ମ । ତେବେ ଆଜିର ମଣିଷ ନିଜର କର୍ତବ୍ୟ ଦଗରେ ସଚେତନ ନୁହେଁ । ଅହଂଭାବ, ସ୍ୱାର୍ଥପରତା ଆଦି ଯୋଗୁଁ ଆଜି ଆମେ ବସୁଧୈବ କୁଟୁମ୍ବକମ୍ ଆଦର୍ଶକୁ ଭୁଲିଗଲେଣି । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଧ୍ୟାତ୍ମିକ ମାର୍ଗଦର୍ଶନ କରି କହିଛନ୍ତି-‘ଯାହା ବୃଦ୍ଧି ପ୍ରାପ୍ତ ହୋଇ ଯାହାକିଛି ହୋଇ ମଧ ତାହା ହିଁ ରହିଛି – ତାହା ହିଁ ବ୍ରହ୍ମ । ଜଗତର ସମସ୍ତ ଐଶ୍ୱର୍ଯ୍ୟ ଜାଣିବା, ଭଲ ପାଇବା ଓ କର୍ମ – ଯାହାଙ୍କ ଭିତରେ ସହଜ – ଉତ୍ସାରିତ, ଆଉ ଯାହାଙ୍କ ପ୍ରତି ଆସକ୍ତିରେ ମଣିଷର ବିଚ୍ଛିନ୍ନ ଜୀବନ ଓ ଜଗତର ସମସ୍ତ ବିରୋଧର ଚରମ ସମାଧାନ ଲାଭହୁଏ – ସେ ହିଁ ମଣିଷର ଭଗବାନ । ଭଗବାନଙ୍କୁ ଜାଣିବା ମାନେ ହିଁ ସମସ୍ତଟାକୁ ବୁଝିବା ବା ଜାଣିବା ।’ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର କହିଛନ୍ତି, ଅର୍ଥ, ମାନ, ଯଶ ଆଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ । ତୁମ ଭିତରେ ଠାକୁରତ୍ୱ ଜାଗ୍ରତ ନହେଲେ, କେହି ତୁମର କେନ୍ଦ୍ର ନୁହଁନ୍ତି । ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ । ବନ୍ଧୁ ଅସତ୍ ହେଲେ ବି ତ୍ୟାଗ କରନାହିଁ । ଅନ୍ତରରେ ଶ୍ରଦ୍ଧା ରଖି ବିପଦଆପଦ ବେଳେ କାୟୋମନୋବାକ୍ୟରେ ସାହାଯ୍ୟ କର, ଆଉ ସେ ଅନୁତପ୍ତ ହେଲେ ଆଲିଙ୍ଗନ କର । ଶ୍ରୀ ଶ୍ରୀ ଠାକୁର ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । କାରଣ ସମସ୍ତେ ପରମାତ୍ମାଙ୍କ ସତ୍ତାର ଅଂଶ । ତେଣୁ ସମସ୍ତେ ସମସ୍ତଙ୍କୁ ଭଲପାଇବା ଉଚିତ । ଏହା ଦ୍ୱାରା ସମାଜରେ ଶାନ୍ତି ପ୍ରତିଷ୍ଠିତ ହେବ । ଧରାପୃଷ୍ଠରେ କରୁଣାମୟ ପୁରୁଷୋତ୍ତମ ପୂତ ଆର୍ଯ୍ୟ ଭୂମି ଭାରତବର୍ଷରେ ଆବିର୍ଭାବ ହୋଇ ନିଃଷ୍ପ୍ରାଣକୁ ପ୍ରାଣନଶୀଳ, ଦୁଷ୍ଟକୁ ଶିଷ୍ଟ, ନିକୃଷ୍ଟକୁ ଉତ୍କୃଷ୍ଟ, ଅଖ୍ୟାତକୁ ବିଖ୍ୟାତ, ପଙ୍ଗୁକୁ ଗିରିଲଙ୍ଘନ, ଦଗ୍ଧ ପ୍ରାଣକୁ ସ୍ନିଗ୍ଧ, ମୂର୍ଖକୁ ଜ୍ଞାନୀ, ଦୂରାତ୍ମାକୁ ଧର୍ମାତ୍ମା ଓ ସତ୍ତାକୁ ସଚ୍ଚିଦାନନ୍ଦମୟ କରି ତୋଳି ବିଶ୍ୱ ବକ୍ଷରେ ଏକ ଅଭିନବ ଲୀଳା ରଚନା କରିଛନ୍ତି । ଯୁଗେ ଯୁଗେ ବିଶ୍ୱସତ୍ତାକୂଳର ପରମ ଉଦ୍ଧାତା ବିଶ୍ୱବରେଣ୍ୟ ପ୍ରିୟ ପରମ ପୁରୁଷୋତ୍ତମ ତାଙ୍କର ଅଭିନବ ଲୀଳା ରଚନା କରି ସୃଷ୍ଟି ରହସ୍ୟ ଉଦ୍‌ଘାଟନ କରାଇବା ପାଇଁ ନର ତନୁରେ ଆଗମନୀ ବାର୍ତ୍ତା ନେଇ ମାଟିର ପୃଥିବୀକୁ ଓହ୍ଲାଇ ଆସନ୍ତି, ମାଟିର ମଣିଷଟିଏ ହୋଇ । ସେଇ ଭାଗ୍ୟ ବିଧାତା କରୁଣାମୟ ପୁରୁଷୋତ୍ତମ ଏହି ଧରାପୃଷ୍ଠରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନାମ ବହନ କରି ୧୮୮୮ ମସିହା ଏହି ପୂତ ଆର୍ଯ୍ୟ ଭୂମି ଭାରତବର୍ଷରେ ଆବିର୍ଭାବ ହୋଇ ନିଃଷ୍ପ୍ରାଣକୁ ପ୍ରାଣନଶୀଳ, ଦୁଷ୍ଟକୁ ଶିଷ୍ଟ, ନିକୃଷ୍ଟକୁ ଉତ୍କୃଷ୍ଟ, ଅଖ୍ୟାତକୁ ବିଖ୍ୟାତ, ପଙ୍ଗୁକୁ ଗିରିଲଙ୍ଘନ, ଦଗ୍ଧ ପ୍ରାଣକୁ ସ୍ନିଗ୍ଧ, ମୂର୍ଖକୁ ଜ୍ଞାନୀ, ଦୂରାତ୍ମାକୁ ଧର୍ମାତ୍ମା ଓ ସତ୍ତାକୁ ସଚ୍ଚିଦାନନ୍ଦମୟ କରି ତୋଳି ବିଶ୍ୱ ବକ୍ଷରେ ଏକ ଅଭିନବ ଲୀଳା ରଚନା କରିଛନ୍ତି ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ସହ-ପ୍ରତି ଋତ୍ୱିକ, ବିଭାଗୀୟ ମୁଖ୍ୟ ହେପାଟୋଲୋଜି ବିଭାଗ, କଟକ ବଡ଼ମେଡ଼ିକାଲ, ଦୂରଭାଷ : ୯୪୩୭୦୫୧୯୫୭**




# କେନ୍ଦୁଝରେ ଶ୍ରୀବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା :ଶୃଙ୍ଖଳିତ ରଥଯାତ୍ରା ଉପରେ ଗୁରୁତ୍ୱ ସହ ମାସ୍କ ପିନ୍ଧିବାକୁ ନିବେଦନ

କେନ୍ଦୁଝର, (ପି.ଏନ): କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ର । ଚଳିତ ଜୁନ୍ ୨୮ ତାରିଖ ମଙ୍ଗଳବାର ଦିନ ଜିଲ୍ଲା କାର୍ଯ୍ୟାଳୟସ୍ଥ ମିନି କନ୍‌ଫରେନ୍ସ ହଲ୍ ଠାରେ ଜିଲ୍ଲାପାଳ ଏବଂ ଏସ୍.ପି. ବିଭିନ୍ନ ବିଭାଗର ପ୍ରସ୍ତୁତି କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରି ଶୃଙ୍ଖଳିତ ଭାବେ ରଥଯାତ୍ରା ପାଳନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ବାକି ଥିବା ପ୍ରସ୍ତୁତି କାର୍ଯ୍ୟ ତୁରନ୍ତ ଆଗାମୀ ୨୯ ତାରିଖ ସୁଦ୍ଧା ଶେଷ କରିବାକୁ ସଂପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରଥଯାତ୍ରାରେ ବହୁଳ ସଂଖ୍ୟାରେ ଜନଗହଳି ସମ୍ଭାବନା ଦୃଷ୍ଟିରୁ କୋଭିଡ୍ ସଂକ୍ରମଣ ପ୍ରତିହତ କରିବା ପାଇଁ ସମସ୍ତେ ମୁହଁରେ ମାସ୍କ ପରିଧାନ କରିବାକୁ ଜିଲ୍ଲାପାଳ ଓ ଏସ୍.ପି. ନିବେଦନ କରିଛନ୍ତି । ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ କେନ୍ଦୁଝରର ରାମଚନ୍ଦ୍ର କିସ୍କୁ ରଥଯାତ୍ରା ପରିଚାଳନା ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଏବଂ ଏ ସଂପର୍କିତ ପ୍ରସ୍ତୁତିର ସ୍ଥିତି ସଂପର୍କରେ ଅବଗତ କରାଇଥିଲେ । ରଥ ନିର୍ମାଣ, ରଥଟଣା, କର୍ଡନ ନିୟନ୍ତ୍ରଣ, ବଡଦାଣ୍ଡରେ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ବଡଦାଣ୍ଡ ଓ ପୁରୁଣା ସହରର ପରିମଳ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ୍ ବ୍ୟବସ୍ଥା ତଥା ଏହାର ସୁରକ୍ଷା ବ୍ୟବସ୍ଥା, ଉଠା ଦୋକାନମାନଙ୍କୁ ବିଦ୍ୟୁତ୍ ଯୋଗାଣ, ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ବିଭିନ୍ନ ଆନୁସଙ୍ଗିକ କାର୍ଯ୍ୟରେ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରିବା, ରଥର ନିରାପତା ଦୃଷ୍ଟିରୁ ରଥ ଉପରେ ସୀମିତି ସଂଖ୍ୟକ ସେବାୟତ ରହିବା ପ୍ରସଙ୍ଗ ଉପରେ ସଂପୃକ୍ତ ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ ଉପରେ ସମୀକ୍ଷା କରାଯାଇଥିଲା । ରଥର ଫିଟନେସ୍ ସାର୍ଟିଫିକେଟ୍ ପ୍ରଦାନ କରିବାକୁ ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ କେନ୍ଦୁଝରଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏସ୍.ଡି.ପି.ଓ. ପ୍ରକାଶ ଜେମ୍ସ ଟପୋ ଟ୍ରାଫିକ୍ ନିୟନ୍ତ୍ରଣ, ଦୁଇ ଚକିଆ ଓ ଚାରି ଚକିଆ ଯାନ ପାର୍କିଂ ବ୍ୟବସ୍ଥା ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା ବ୍ୟବସ୍ଥା ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଅବଗତ କରାଇଥିଲେ । ଜିଲ୍ଲାରେ ରଥଯାତ୍ରା ଦିନ ଏବଂ ବାହୁଡା ଯାତ୍ରା ଦିନ ମଦ ଦୋକାନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ରଥଯାତ୍ରା ଅବସରରେ ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ, ସୂଚନା କେନ୍ଦ୍ର, ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ପ୍ରଦାନ, କେବୁଲ୍ ଟିଭି ଯୋଗେ ରଥଯାତ୍ରାର ସିଧା ପ୍ରସାରଣ ଉପରେ ସମୀକ୍ଷା କରିଥିଲେ । ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ରଥଯାତ୍ରା, ବାହୁଡା ଯାତ୍ରା ଓ ସୁନାବେଶ ଫେସ୍‌ବୁକ୍ ଜରିଆରେ ସିଧା ପ୍ରସାରଣ କରାଯିବ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ସଂପର୍କରେ ମଧ୍ୟ ଜିଲ୍ଲାପାଳ ଶ୍ରୀ ଠାକରେ ସମୀକ୍ଷା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯଦୁମଣି ମହଲା, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସନ୍ତୋଷ କୁମାର ବେହେରା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ସୁଜାତାରାଣୀ ମିଶ୍ର, ଆଂଚଳିକ ପରିବହନ ଅଧିକାରୀ ନିର୍ମଳ କୁମାର ମହାନ୍ତି , କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡା ମଧୁସ୍ମିତା ସାମନ୍ତରାୟ, ତହସିଲଦାର କେନ୍ଦୁଝର ଆଶିଷ ମହାପାତ୍ର, ଟିପିଏନ୍‌ଓଡିଏଲ୍‌ର ନିର୍ବାହୀ ଯନ୍ତ୍ରୀ ବିରଂଚି ନାରାୟଣ ସାହୁ, ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଂଜୀବ ବାରିକ, ଟାଉନ୍ ଥାନା ନିରୀକ୍ଷକ ପ୍ରମୋଦିନୀ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ଡି.ପି.ଏମ୍. ଏନ୍.ଏଚ୍.ଏମ୍. ନିତ୍ୟରଞ୍ଜନ ବରାଳ, ଡେପୁଟି କଲେକ୍ଟର ନିଜାରତ ଶିବବ୍ରତ ତ୍ରିପାଠୀ ପ୍ରମୁଖ ଉକ୍ତ ସମୀକ୍ଷା ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଜୁଲାଇ ମାସ ପାଇଁ କେନ୍ଦୁଝର ଜିଲ୍ଲାପାଳଓଏସ୍.ପି.ଙ୍କ ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ

କେନ୍ଦୁଝର, (ପି.ଏନ): ୨୦୨୨ ମସିହା ଜୁଲାଇ ମାସ ପାଇଁ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ପ୍ରକାଶ ପାଇଛି । ୪ ତାରିଖ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାରହଲ୍ ଠାରେ, ୧୧ ତାରିଖ ସୋମବାର ଦିନ ଯୋଡା ବ୍ଲକ୍ କାର୍ଯ୍ୟାଳୟଠାରେ , ୧୮ ତାରିଖ ସୋମବାର ଦିନ ବଂଶପାଳ ବ୍ଲକ୍ କାର୍ଯ୍ୟାଳୟଠାରେ ଏବଂ ୨୫ ତାରିଖ ସୋମବାର ଦିନ ହାଟଡିହି ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି । ଏତଦ୍‌ବ୍ୟତୀତ କାର୍ଯ୍ୟସୂଚୀ ଅନୁଯାୟୀ ଅଭିଯୋଗ ଶୁଣାଣୀ ସ୍ଥାନମାନଙ୍କରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ଜଳଛାୟା ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଆଶିଷ ଠାକରେ ନିର୍ଦ୍ଦେଶ ଦେଇଛନ୍ତି ।

# ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ସମୀକ୍ଷା ବୈଠକ

କେନ୍ଦ୍ରାପଡା,(ପି.ଏନ) : ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ସମୀକ୍ଷା ବୈଠକ ଇଛାପୁରସ୍ଥିତ ଯାତ୍ରୀ ନିବାସ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅନିତା ପଟ୍ଟନାୟକ, ରାସ୍ତା ଓ କୋଠାବାଡି ନମ୍ବର-୧ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଇଂ କ୍ଷୀରୋଦ କୁମାର ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ନାୟକ, ତହସିଲଦାର ହେମଲତା ବାହାଲିଆ, ବିଦ୍ୟୁତ ବିଭାଗର ଏସଡିଓ ଦେବେନ୍ଦ୍ର ସାହୁ, କେନ୍ଦ୍ରାପଡା ପୌର ପରିଷଦର ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ଦେବୋତ୍ତର ବିଭାଗର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ଯୋଗଦେଇଥିଲେ । ଏହି ବୈଠକରେ ରଥଯାତ୍ରା ଓ ବାହୁଡା ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ନିଆଯାଇଥିବା ପୂର୍ବ ନିଷ୍ପତ୍ତିଗୁଡିକର କାର୍ଯ୍ୟକାରିତା ନେଇ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ସହରରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ସହରରୁ ବର୍ଷାଜଳ ନିଷ୍କାସନ, ବଡଦାଣ୍ଡରେ ଜମି ରହିଥିବା ଘରୋଇ ଲୋକମାନଙ୍କ ବାଲି ଓ ବଜୁରୀକୁ ହଟାଇବା, ରାସ୍ତା ଉପରୁ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର କରିବା, ରଥର ଉପଯୁକ୍ତତା ପ୍ରମାଣ ପତ୍ର, ରାସ୍ତାଘାଟ ମରାମତି, ନୀରବିଛିନ୍ନ ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ଓ ଗୁଣ୍ଡିଚା ମନ୍ଦିର ନିକଟରେ ପାନୀୟ ଜଳ ଯୋଗାଣ, ସୂଚନା କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ସିସିଟିଭି ମାଧ୍ୟମରେ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ତର୍ଜମା କରାଯିବା ଓ ଜୁଲାଇ ୧ରୁ ୩ତାରିଖ ଏବଂ ୯ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ସହରରେ ଏକ ପାଖିଆ ଟ୍ରାଫିକ ବ୍ୟବସ୍ଥା ସମ୍ପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରାସ୍ତା ଓ କୋଠାବାଡି ବିଭାଗର ଏସ୍‌ଡିଓ ନିହାର ରଞ୍ଜନ ମାଝୀ, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ରମଣ କୁମାର ଦାସ, ସହକାରୀ ଅଗ୍ନିଶମ ଅଧିକାରୀ ଅଜୟ ମୁଦୁଲି, ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା ଓ ଟ୍ରଷ୍ଟ ବୋର୍ଡର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଡ଼େଙ୍ଗୁ ସଚେତନତା ରଥ ଉଦଘାଟନ

ମାଲକାନଗିରି, (ପି.ଏନ): ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଅଧୀନରେ ଥିବା ବିଭିନ୍ନ ଗ୍ରାମ ଗୁଡିକରେ ଡେଙ୍ଗୁ ଜ୍ୱର ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଡେଙ୍ଗୁ ନିରାକରଣ ନିମନ୍ତେ ଜିଲ୍ଲା ତଥା ବ୍ଲକ ପ୍ରଶାସନ ଉଦ୍ୟମ ଜାରି ରଖିଛି । ଏହି କ୍ରମରେ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଆର , ପ୍ରତୀକ ପ୍ରିୟଦର୍ଶୀ ଏବଂ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ମହନ୍ତଙ୍କ ଉଦ୍ୟମରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ , ଆଶା କର୍ମୀ ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମାଧ୍ୟମରେ ପ୍ରତି ଗ୍ରାମରେ ସଚେତନତା କରାଯାଉଛି । ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ପୋରୋବର୍ତନ ଅନୁଷ୍ଠାନ ଆନୁକୂଲ୍ୟରେ ଅଜିମ୍ ପ୍ରେମ୍ଜୀ ଫାଉଣ୍ଡେସନ ସହାୟତାରେ ଡେଙ୍ଗୁସଚେତନତା ରଥର ଉଦ୍ଘାଟନ କରାଯାଇ ଏକ ଅଭିନବ ପ୍ରୟାସରେ ସଚେତନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଡା. ମହନ୍ତଙ୍କ ନିର୍ଦ୍ଦେଶକ୍ରମେ ଡା . ଅଭିଜିତ ଶତପଥୀ ଏହି ରଥର ଉଦ୍ଘାଟନ କରିଥିଲେ । ଏହି ଉଦ୍ଘାଟନ କାର୍ଯ୍ୟକ୍ରମରେ ଡା . ଯସ୍ମିନ ବେହେରା, ଆକାଉଂଟାଟ ରାଜେନ୍ଦ୍ର ଦାଶ, ପୋରୋବର୍ତନ ଅନୁଷ୍ଠାନର ସମ୍ପାଦକ ସନ୍ତୋଷ ଶୁକ୍ଲା ଏବଂ କର୍ମୀ ମିନା ମାଡ଼କାମି ଓ ଲକ୍ଷ୍ମୀ ନାୟକ, ସ୍ୱାସ୍ଥ୍ୟ କର୍ମୀ ଗୀତାଞ୍ଜଳି ଚର୍ଚ୍ଚି, ସ୍ୱାସ୍ଥ୍ୟ କର୍ମୀ ଅକ୍ଷୟ ନାୟକ, ଆଶା କର୍ମୀ ସାବିନା ଖିଲ, କେ. କଳାବତୀ ସିଂ, ହିଲୋ ଟାକ୍ରି, ସୁନିତା ମାଛ, ସବିତା ନାୟକ, ସୂର୍ଯ୍ୟ ଖିଲ, ପଦ୍ମା ପାଙ୍ଗି ଓ ଲକ୍ଷ୍ମୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଚିତ୍ରକୋଣ୍ଡା ବ୍ଲକର ଉପାନ୍ତ ଅଂଚଳ ଚିତ୍ରକୋଣ୍ଡା , ଦୋରାଗୁଡା, ନୂଆଗୁଡା, ଗୁଣ୍ଡୱାଡ଼ା, କପାତୁଟି, ପାପୁଲୁର ଓ ବଡ଼ପଦର ପଂଚାୟତ ଏବଂ ସ୍ୱାଭିମାନ ଅଂଚଳର ବଡ଼ପଡା ପାପରମେଟେଲା ପଚାଂୟତରେ ଡେଙ୍ଗୁ ନିରାକଣର ସଚେତନତା କରିବା ପାଇଁ ଏହି ରଥର ଉଦ୍ଘାଟନ କରାଯାଇଛି । ଏହି ରଥ ପ୍ରତି ଗାଁ ପରିକ୍ରମା କରି ଡାକବାଜି ଯନ୍ତ୍ର ମାଧ୍ୟମରେ ପୋରୋବର୍ତନ ଅନୁଷ୍ଠାନର କର୍ମକର୍ତା ଏବଂ ଆଶା କର୍ମୀଙ୍କ ମିଳିତ ଉଦ୍ୟମରେ ଲୋକଙ୍କୁ ସଚେତନ କରାଯିବ ବୋଲି ଜଣାପଡ଼ିଛି ।

## ଜିଲ୍ଲା ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ

ମାଲକାନଗିରି, (ପି.ଏନ): ମାଲକାନଗିରି ସଦର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ପରିସରରେ ତିନି ଦିନ ଧରି ଆୟୋଜିତ ହୋଇଛି ଜିଲ୍ଲା ସାମୁହିକ ଆଚାର୍ଯ୍ୟ ପ୍ରଶିକ୍ଷଣ। ଏହି ପ୍ରଶିକ୍ଷଣରେ ମୋଟ ୧୩ଟି ଶିଶୁମନ୍ଦିରର ୧୨୦ ଜଣ ଗୁରୁଜୀ/ ଗୁରୁମା ପ୍ରଶିକ୍ଷାର୍ଥୀ ରୂପେ ଯୋଗ ଦେଇଛନ୍ତି। ସନ୍ଧ୍ୟା ବନ୍ଦନା କରାଯାଇ କାର୍ଯ୍ୟକ୍ରମକୁ ଉଦଘାଟନ କରାଯାଇଅଛି ।ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ତହସିଲଦାର ମାଲକାନଗିରି ରାଖାଲ ଚନ୍ଦ୍ର ପରିଡା, ମୁଖ୍ୟବକ୍ତା ରୂପେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହ ପ୍ରାନ୍ତ ସେବା ପ୍ରମୁଖ ରବି ରାୟ, କାର୍ଯ୍ୟକ୍ରମର ପରିଚାଳକ ରୂପେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ପ୍ରାନ୍ତ ଶିଶୁବାଟିକା ପ୍ରମୁଖ ତଥା ପୂର୍ବକ୍ଷେତ୍ର ସହ ଶିଶୁବାଟିକା ସଂଯୋଜକ ପ୍ରଦୀପ କୁମାର ମଲ୍ଲିକ, ସମ୍ମାନୀତ ଅତିଥି ଜିଲ୍ଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା ଓ ଜିଲ୍ଲା ଶିକ୍ଷା ନିରୀକ୍ଷକ ତ୍ରିଲୋଚନ ଦାସ, ଅନୁଷ୍ଠାନର ଉପସଭାପତି ଅଭୟ କୁମାର ଲେଙ୍କା, ସମ୍ପାଦକ ବୁଦ୍ଧିବାମନ ନାୟକ, ସଦସ୍ୟା ପ୍ରମିଳା ମାଡକାମୀ, ମାଲକାନଗିରି ସଂକୁଳ ପ୍ରମୁଖ କବିରାଜ ପ୍ରଧାନ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିମାନେ ସମାଜରେ ଶିକ୍ଷକଙ୍କ ଭୂମିକା, ବିଦ୍ୟାଭାରତୀ ଓ ଶିଶୁମନ୍ଦିରର ଲକ୍ଷ୍ୟ ଉଦ୍ଦେଶ୍ୟ, ନୂତନ ଜାତୀୟ ଶିକ୍ଷା ନୀତି ତଥା ଭାରତ ସ୍ୱାଧୀନତାର ଇତିହାସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ଦୃଷ୍ଟିରୁ ସ୍ଥାନୀୟ ମାଲକାନଗିରି ଶିଶୁମନ୍ଦିର ପ୍ରଧାନଆଚାର୍ଯ୍ୟ ତଥା ମାଲକାନଗିରି ସଂକୁଳ ସଂଯୋଜକ ମନୋରଞ୍ଜନ ଦାସ ଓ ବାଲିମେଳା ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ତଥା ବାଲିମେଳା ସଂକୁଳ ସଂଯୋଜକ ସରୋଜ କୁମାର ସାମଲ ଉପସ୍ଥିତ ଅଛନ୍ତି। ଏହି କାର୍ଯ୍ୟକ୍ରମରେ ଗୁରୁଜୀଗୁରୁମାଙ୍କୁ ବିଭିନ୍ନ ଶ୍ରେଣୀଗତ ବିଷୟ, ନୂତନଜାତୀୟ ଶିକ୍ଷା ନୀତି ଆଧାରିତ ଶିକ୍ଷା, ନୀତିଶିକ୍ଷା ,ଯୋଗଶିକ୍ଷା,ଆଧାତ୍ମିକ ଶିକ୍ଷା ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଉଛି ।

# ଦ୍ରୌପଦୀ ମୁର୍ମୁଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ପ୍ରସଙ୍ଗ

## *ଫିଲ୍ମ ନିର୍ଦ୍ଦେଶକ ରାମଗୋପାଳ ବର୍ମାଙ୍କ ବିରୋଧରେ ଥାନାରେ ଏତଲା ଦେଲା ବିଜେପି*

ସମ୍ବଲପୁର ,(ପି.ଏନ): ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଅଶୋଭନୀୟ ମନ୍ତବ୍ୟ ପାଇଁ ହିନ୍ଦୀ ସିନେମା ପ୍ରଯୋଜକ ତଥା ନିର୍ଦ୍ଦେଶକ ରାମ ଗୋପାଳ ବର୍ମାଙ୍କ ବିରୋଧରେ ଏତଲା ଦିଆଯାଇଛି। ସମ୍ବଲପୁର ବିଜେପି ପକ୍ଷରୁ ମଧ୍ୟ ଟାଉନ ଥାନାରେ ରାମ ଗୋପାଳ ବର୍ମାଙ୍କ ନାଁ ରେ ଏହି ଏତଲା ଦିଆଯାଇଛି। ବିଜେପି ଜିଲ୍ଲା ଉପସଭାପତି ତଥା ଆଇନଜୀବୀ ଫଣି ଭୂଷଣ ମିଶ୍ର ଥାନାରେ ଏତଲା ଦେଇଛନ୍ତି । ରାମଗୋପାଳଙ୍କ ବିରୁଦ୍ଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ।ଆଜିର ଏତଲା ଦେବା ବେଳେ ତାଙ୍କ ସହିତ ବିଜେପି ଜିଲ୍ଲା ସଭାପତି ଗିରିଷ ପଟେଲ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ କୁମାର ମାଝୀ, ବରିଷ୍ଠ କାର୍ଯ୍ୟକର୍ତା ପ୍ରଦୀପ ସୁପକାର, ସମଲେଶ୍ୱରୀ ମଣ୍ଡଳ ସଭାପତି ଶମ୍ଭୁ ବରେଲିଆ, ସାକ୍ଷୀଗୋପୀନାଥ ମଣ୍ଡଳ ସଭାପତି ସରୋଜ ଘଡ଼େଇ, ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ସୁନା, ରାଜା ବରାଡ଼, ଟୁକୁ ମହାନ୍ତି ଦିନେଶ ସାହୁ, ପ୍ରଦୀପ ବେହେରା ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ମାସରେ ଦେଶରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ବର୍ତମାନ ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ । ଏନଡିଏ ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି ପୂର୍ବତନ ଝାଡ଼ଖଣ୍ଡର ରାଜ୍ୟପାଳ ତଥା ଓଡିଆ ଆଦିବାସୀ ମହିଳା ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓ ବିରୋଧୀ ଦଳ ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା । ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ନାମ ଘୋଷଣା ହେଲା ପରେ ସମାଗ୍ର ଦେଶ ରେ ଖୁସି ର ଲହରୀ ଖେଳି ଯାଇଛି । ଅନେକ ରାଜନୈତିକ, ସାମାଜିକ, ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କର ପ୍ରାର୍ଥୀ ଚୟନ କୁ ନେଇ ଅନେକ ଉତ୍ସାହଜନକ ଓ ସକାରାତ୍ମକ ଟିପ୍ପଣୀ ଦେଇଛନ୍ତି ।ମାତ୍ର ପରିତାପର ବିଷୟ ବିଶିଷ୍ଟ ହିନ୍ଦୀ ସିନେମା ପ୍ରଯୋଜକ ତଥା ନିର୍ଦ୍ଦେଶକ ରାମ ଗୋପାଳ ବର୍ମା ଟ୍ୱିଟ ମାଧ୍ୟମରେ ଦେଇଥିବା ତାଙ୍କର ଟିପ୍ପଣୀକୁ ନେଇ ଦେଶରେ ଆକ୍ରୋଶର ବାତାବରଣ ସୃଷ୍ଟି କରିଛି। ସେ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଙ୍କ ସମର୍ଥକ ହୁଅନ୍ତୁ କି ବିରୋଧୀ ସମସ୍ତେ ଏଭଳି ବକ୍ତବ୍ୟକୁ ନିନ୍ଦା କରିଛନ୍ତି। ରାମ ଗୋପାଳ ବର୍ମାଙ୍କ ଏଭଳି ଟିପ୍ପଣୀକୁ ନେଇ ଦେଶ ର ଅନେକ ସ୍ଥାନରେ ବିଜେପି କର୍ମୀ ଓ ସମର୍ଥକ ରାଜରାସ୍ତାକୁ ଓହ୍ଲାଇଛନ୍ତି । କେଉଁଠି ବର୍ମାର କୁଶପୁତଳିକା ଦାହ କରାଯାଉଛି ତ କେଉଁଠି ତାଙ୍କ ବିରୁଦ୍ଧରେ ଏତଲା ଦିଆଯାଉଛି ।

## ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ହେଉଥିବା ଦୁର୍ନିତିର ତଦନ୍ତ ଦାବି

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ବ୍ୟାକ ଦୁର୍ନିତି ଅର୍ଥ ଆତ୍ମସାତ ଓ ଶ୍ରମିକ ମାରଣ ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ କରି ଟ୍ରେଡ ୟୁନିୟନ ସମନ୍ୱୟ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଛି । ଅଭିଯୋଗ ଅନୁଯାଇ ମୃତ ନିର୍ମାଣ ଶ୍ରମିକ ବିଶ୍ୱଜିତ ସାହୁଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ୨ ଲକ୍ଷ ଟଙ୍କା ସରକାରଙ୍କ ପକ୍ଷରୁ ଚେକ ଆକାରରେ ପ୍ରଦାନ କରାଯାଇଥିଲା । ତେବେ ଏହି ଚେକ ପ୍ରଦାନ ସମୟରେ ସଂପୃକ୍ତ କର୍ମଚାରୀ ତାଙ୍କ ସ୍ତ୍ରୀ ତଥା ନୋମିନୀ ବନ୍ଦନା ସାହୁଙ୍କ ଠାରୁ ୨ ଲକ୍ଷ ଟଙ୍କାର ଚେକ ଦେବାପାଇଁ ୫୦ ହଜାର ଟଙ୍କା ଲାଂଚ ଦାବି କରିଛନ୍ତି । ଏନେଇ ପରିବାର ପକ୍ଷରୁ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରାଯାଇ ତଦନ୍ତ ଦାବି କରାଯାଇଛି ।

# ଆନ୍ଧ୍ର ବିଚ୍ଛିନ୍ନାଚଂଳରେ ଥିବା ବିଦ୍ୟାଳୟ ଗୁଡିକର ଓଡ଼ିଆ ଛାତ୍ରଛାତ୍ରୀ ମାନଙ୍କୁ ଓଡ଼ିଆ ଭାଷା ସାହିତ୍ୟ ପାଠ୍ୟ ପୁସ୍ତକ ପ୍ରଦାନ

ବ୍ରହ୍ମପୁର, (ପି.ଏନ): ଓଡ଼ିଶା ବିଚ୍ଛିନ୍ନାଚଂଳରେ ଥିବା ପ୍ରତ୍ୟେକ ରାଜ୍ୟର ବିଦ୍ୟାଳୟ ଗୁଡିକରେ ପଠନରତ ଓଡ଼ିଆ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଓଡ଼ିଶା ସରକାର ମାଗଣାରେ ପାଠ୍ୟପୁସ୍ତକ ପ୍ରତି ବର୍ଷ ଉତ୍କଳ ସମ୍ମିଳନୀର ସହଯୋଗରେ ପଠାଇଥାନ୍ତି। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ଆନ୍ଧ୍ର ପ୍ରଦେଶ ସ୍ଥିତ ଶ୍ରୀକାକୁଲମ, ବିଜୟା ନଗର ଓ ବିଶାଖାପାଟଣା ଶିକ୍ଷା ଜିଲ୍ଲାର ୩୧ ଗୋଟି ଓଡ଼ିଆ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ପାଠ୍ୟପୁସ୍ତକ ପଠାଯାଇଛି। ସ୍ଥାନୀୟ ଆମ୍ବପୁଆ ସ୍ଥିତ ବୋର୍ଡ ଅଫ୍ ସେକେଣ୍ଡାରୀ କାର୍ଯ୍ୟାଳୟରୁ ଚଳିତ ବର୍ଷ ନବମ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସାହିତ୍ୟ ଧାରା ୧୨୧୫ ଏବଂ ମାଧ୍ୟମିକ ବ୍ୟାକରଣ ୧୨୧୫ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସାହିତ୍ୟ ଧାରା ୧୨୮୫ ଓ ମାଧ୍ୟମିକ ବ୍ୟାକରଣ ୧୨୮୫ ପାଠ୍ୟପୁସ୍ତକ ପୁସ୍ତକ ପ୍ରଦାନ କରାଯାଇଛି। ବ୍ରହ୍ମପୁର ଜୋନାଲ ଡେପୁଟି ସେକ୍ରେଟାରୀ ସୁବାସ ଚନ୍ଦ୍ର ବେହେରା ଓ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ଶିକ୍ଷା ଅଧିକାରୀ ହରିଶ୍ଚନ୍ଦ୍ର ପାଢ଼ୀ ସରକାରୀ ଚିଠି ପତ୍ର ଆଦାନ ପ୍ରଦାନ କରିଥିଲେ ।ଏହି ଅବସରରେ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା ସଭାପତି ଡଃ. ସୁବ୍ରତ କୁମାର ସାହୁ, ଆନ୍ଧ୍ର ପ୍ରଦେଶ ସଂଖ୍ୟାଲଘୁ କମିଶନ ଓଡ଼ିଆ ଅଧକ୍ଷ ବରିଷ୍ଠ ଅଧିବକ୍ତା ସତ୍ୟନାରାୟଣ ପାଢ଼ୀ, ଆନ୍ଧ୍ର ପ୍ରଦେଶ ଓଡ଼ିଆ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ବୃନ୍ଦାବନ ଦଳେଇ, ସମ୍ପାଦକ ତ୍ରିଲୋଚନ ପଲାଇ ଏବଂ ଇଚ୍ଛାପୁର ବାପୁଜୀ ପାଠାଗାର ସଭାପତି ରଘୁନାଥ ଗୌଡ଼ଙ୍କ ସମେତ ବୋର୍ଡ଼ କାର୍ଯ୍ୟାଳୟ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ ।ଏହି ପରିପ୍ରେକ୍ଷୀରେ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ମାନଙ୍କ ସମେତ ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତିଙ୍କୁ ଏବଂ ଏହି କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିବା ସମସ୍ତ ଅଧିକାରୀ ଉପସ୍ଥିତ ଥିବା ସଂଖ୍ୟାଲଘୁ ସଭାପତି ଓ ଶିକ୍ଷକ ସଂଘର କର୍ମକର୍ତା ମାନଙ୍କୁ ଧନ୍ୟବାଦ ଅର୍ପଣ ଥିଲେ ।

## ବହୁ ପ୍ରତିଭାର ଅଧିକାରିଣୀ ଶୁଭ୍ରା ସୁଆର ସମ୍ବର୍ଦ୍ଧିତ

ଗଞ୍ଜାମ, (ପି.ଏନ): ବିଜିପୁର ମୁଖ୍ୟରାସ୍ତା ସ୍ଥିତ ସନ୍ତୋଷୀ ମା' ମନ୍ଦିର କଲ୍ୟାଣ ମଣ୍ଡପ ପରିସରରେ ସଂସ୍କାରବାଦୀ ସଂଗଠନର ସହଯୋଗରେ ପଲ୍ଲବୀ ପକ୍ଷରୁ ବହୁ ପ୍ରତିଭାର ଅଧିକାରିଣୀ ଶୁଭ୍ରା ସୁଆରଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ବରିଷ୍ଠ ସମାଜସେବୀ ତ୍ରିନାଥ ମହାରଣା ସମ୍ବର୍ଦ୍ଧିତ କରିଥିଲେ । ସଂଗଠନର ଉପସଭାପତି ପ୍ରଭାତ କୁମାର ମିଶ୍ର ସୁଶ୍ରୀ ଶୁଭ୍ରା ସୁଆରଙ୍କୁ ସଂଗୀତ, ନୃତ୍ୟ ଓ ବହୁ ପ୍ରତିଭାର ଅଧିକାରୀ ବୋଲି ସୂଚନା ଦେଇ ସମ୍ବର୍ଦ୍ଧିତ କରିଥିଲେ । ସୁଶ୍ରୀ ଶୁଭ୍ରା ଓଡିଆ, ହିନ୍ଦି ଓ ଇଂରାଜୀ ଭାଷାରେ ଜଗନ୍ନାଥ ଭଜନ ଗାନ କରି ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲେ । ସେ ଶିକ୍ଷା ସମାପ୍ତ କରି ୟୁଟ୍ୟୁବ ଚ୍ୟାନଲରେ ନିଜର ଗୀତଗାଇ ହଜାର ହଜାର ଶ୍ରୋତାଙ୍କ ମନ ଜିଣି ପାରିଛନ୍ତି । ତାଙ୍କର ଏହି ପ୍ରତିଭାକୁ ସେଠାରେ ଉପସ୍ଥିତ ଥିବା ସମାଜସେବୀ ସଞ୍ଜୟ ମାଝି ଓ ସାମ୍ବାଦିକମାନେ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ ।ଏହି କାର୍ଯ୍ୟକ୍ରମରେ ତାଙ୍କ ମା' ଡଃ. ବାସନ୍ତୀବାଳା ପାଣିଗ୍ରାହୀ, ପିତା ଓ ସଂଗୀତ ଗୁରୁଙ୍କ ପ୍ରେରଣାରେ ତାଙ୍କୁ ଆଗଧାଡିର କଳାକାର ଓ କଣ୍ଠଶିଳ୍ପୀର ପରିଚୟ ଦେଇଛି ବୋଲି ସୁଶ୍ରୀ ଶୁଭ୍ରା କହିଛନ୍ତି ।

# କ୍ରସର ହବର ଗୁଡିକର ଉନ୍ନତିକରଣ ପାଇଁ ଶିଳାନ୍ୟାସ

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଅଧିନସ୍ଥ ଆରୁହା, ବରଡା, ଥିରା ଓ ଅଂଳାଝାଟିଆ ଠାରେ ଚିହ୍ନଟ ହୋଇଥିବା କ୍ରସର ହବ ଗୁଡିକର ଉନ୍ନତିକରଣ ପାଇଁ ଆଜି ଶିଳାନ୍ୟାସ କରାଯାଇଛି । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଶିଳାନ୍ୟାସ କରିଥିଲେ । ସୂଚନା ମୁତାବକ ଧର୍ମଶାଳା ତହସିଲ ଅଂଚଳରେ ଚାଲିଥିବା କ୍ରସର ଗୁଡିକ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ନୋଟିସ ଦିଆଯିବା ସହ ଅନେକ କ୍ରସରକୁ ସିଲ କରିଦିଆଯାଇଥିଲା । ଫଳରେ ଏହି ବ୍ୟବସାୟ ଉପରେ ନିର୍ଭର କରୁଥିବା କ୍ରସରମାଲିକ ମାନେ କ୍ଷତି ସହିବା ସହ ଆର୍ଥିକ ଅନାଟନର ଶିକାର ହୋଇଥିଲେ । ପ୍ରଶାସନର ବାରମ୍ବାର ଚଢାଉକୁ ବିରୋଧ କରିବା ସହ ସ୍ଥାୟୀ ଭାବେ ଥଇଥାନ କରିବାକୁ ଯାଜପୁର ଜିଲ୍ଲା କ୍ରସର ଆସୋସିଏସନ ହାଇକୋର୍ଟ ଓ ସୁପ୍ରିମ କୋର୍ଟରେ ଆବେଦନ କରିଥିଲେ । ମାନ୍ୟବର କୋର୍ଟ ଏହାର ବିଚାର କରି କ୍ରସର ୟୁନିଟ ଗୁଡିକୁ ଥାଇଥାନ ଲାଗି ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାପ୍ରଶାସନ ପକ୍ଷରୁ ଏହି ତହସିଲ ଅନ୍ତର୍ଗତ ୪ ଗୋଟି ସ୍ଥାନ ଯଥା ଆରୁହା ଠାରେ ୩୯ ଏକର, ବରଡା ଠାରେ ୩୯ ଏକର, ଥିରା ଠାରେ ୩୯ ଏକର ଓ ଅଂଳାଝାଟିଆ ଠାରେ ୪୦ ଏକର ଜାଗା ଚିହ୍ନଟ କରାଯାଇ କ୍ରସର ହବ ପାଇଁ ଇଡକୋକୁ ଜମି ହସ୍ତାନ୍ତର କରାଯାଇଥିଲା । ଇଡକୋ ପକ୍ଷରୁ ଏହା ବାବଦକୁ ତହସିଲରେ ୬ କୋଟି ୫୬ ଲକ୍ଷ ଟଙ୍କା ଜମା କରିଥିଲା । ଏବେ ସେହି ହବ ଅଂଚଳ ଗୁଡିକର ଉନ୍ନତି କରଣ ପାଇଁ ଇଡକୋ ପକ୍ଷରୁ ୪କୋଟି ୩୭ ହଜାର ୩୬୨ ଟଙ୍କା ବ୍ୟୟ ଅଟକଳ କରାଯାଇ ଆଜି ଶିଳାନ୍ୟାସ କରାଯାଇଛି । ସେଥିମଧ୍ୟରୁ ଆରୁହା ହବରେ ୧କୋଟି ୨୮ଲକ୍ଷ ୯୧ ହଜାର ୬୧୩ଟଙ୍କା, ବରଡା ହବରେ ୧କୋଟି ୧୫ଲକ୍ଷ ୪୫ ହଜାର ୯୨୮ ଟଙ୍କା , ଥିରା ହବରେ ୧ କୋଟି ୧୦ଲକ୍ଷ ୫୫ହଜାର ୯୮୯ଟଙ୍କା ଓ ଅଂଳାଝାଟିଆରେ ୪୫ଲକ୍ଷ ୫୩ହଜାର ୮୩୨ଟଙ୍କା ବ୍ୟୟ ଅଟକଳ କରାଯାଇ ଆଜି ଶିଳାନ୍ୟାସ କରାଯାଇଛି । ଆଜିର ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଇଡକୋର ସହକାରୀ ନିର୍ବାହୀଯନ୍ତ୍ରୀ ଶକ୍ତିକାନ୍ତ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟ ସୁଧାଂଶୁ ଭୁଷଣ ସାହୁ, ଜଳଧର ମହାନ୍ତ. ସଭ୍ୟା ପ୍ରଣତି ଲେଙ୍କା, ସ୍ମୃତିରେଖା ବେହେରା, ତ୍ରୁବତନ ଜିଲ୍ଲାପରିଷଦ ସଭ୍ୟ ନିରନ ରାଉତ, ବିଧାୟକ ପ୍ରତିନିଧି ନିର୍ମଳ ଚନ୍ଦ୍ର ପ୍ରାଧାନ ସମେତ ସ୍ଥାନୀୟ ଅଂଚଳର ସରପଂଚ ଓ ସମିତିସଭ୍ୟମାନେ ଯୋଗଦେଇଥିଲେ ।

# ଟି୨୦ ସିଜନ୍‌ରେ ଭାରତର 'ରିଅଲ୍ ହିରୋ'ଙ୍କୁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍‌ର ସାଲ୍ୟୁଟ୍

ଭୁବନେଶ୍ୱର: ଚଳିତ ବର୍ଷ ଆରମ୍ଭରୁ ଜୀବନର ଅର୍ଥ ବଦଳିଯାଇଛି । ସାଧାରଣ ଲୋକ ଆଗଧାଡ଼ିର ଯୋଦ୍ଧାରେ ପରିଣତ ହୋଇଛନ୍ତି ଯେଉଁମାନେ ମହାମାରୀର ଅପ୍ରତ୍ୟାଶିତ ସମୟରେ ନିଜ କର୍ତବ୍ୟରୁ ଆଗକୁ ବଢି କାର୍ଯ୍ୟ କରିଛନ୍ତି। ଏହି 'ବାସ୍ତବ ଚ୍ୟାଲେଞ୍ଜରମାନଙ୍କୁ' ସାଲ୍ୟୁଟ୍ ଜଣାଇବା ପାଇଁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଏକତ୍ରିତ ହୋଇଛି। ସାମ୍ପ୍ରତିକ ପରିସ୍ଥିତିରେ ଅସହାୟଙ୍କୁ ସହଯୋଗ ପାଇଁ ନିସ୍ୱାର୍ଥପର ଭାବେ କାମ କରିଥିବା ଭାରତର ଏହି ପ୍ରକୃତ ଚ୍ୟାଲେଞ୍ଜରମାନଙ୍କର ହୃଦୟସ୍ପର୍ଶୀ, ବୀରତ୍ୱର କାହାଣୀ ସହିତ ଏହି ଅଭିଯାନ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିଚାରଧାରାକୁ ଆପଣାଇବା ଏବଂ ନିଜ ମଧ୍ୟରେ ପ୍ରକୃତ ଚ୍ୟାଲେଞ୍ଜର ହେବା ପାଇଁ ଅନୁପ୍ରାଣିତ କରିବ। ଏହି ଅଭିଯାନ ଏକ ଟିଭିସି ସହିତ ଲାଇଭ୍ ପ୍ରସାରିତ ହେଉଛି ଯେଉଁଥିରେ ବିରାଟ କୋହଲି, ଏବି ଡେଭିଲିୟର୍ସ ଓ ୟୁଜ୍‌ବେନ୍ଦ୍ର ଚହଲ୍ ଗର୍ବର ସହିତ ଏହି ହିରୋମାନଙ୍କ କାହାଣୀ ବର୍ଣ୍ଣନା କରିଛନ୍ତି, ଯେଉଁମାନେ ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ନିଜର ଅବଦାନ ଦେଉଛନ୍ତି। ଆମ ଦେଶର ଗଭୀରତାରେ ସଂସ୍କୃତିର ବିବିଧତା ସହିତ ବିଭିନ୍ନ କ୍ଷେତ୍ର ହିରୋମାନେ ଭାଇଚାରା ଓ ମାନବଜାତିର ସମର୍ଥନରେ ନିଜ ସୀମାକୁ ଭାଙ୍ଗି ସାହସର ପ୍ରଦର୍ଶନ କରିଛନ୍ତି। ଭୁବନେଶ୍ୱରର ନିବାସୀ ଏଭଳି ଜଣେ ହିରୋ ହେଉଛନ୍ତି ନିଳାଚଳ ପରିଡା (୨୫ ବର୍ଷ), ଯିଏକି ହେଉଛନ୍ତି ଜଣେ ଜାତୀୟ ସ୍ତରୀୟ ପର୍ବତାରୋହୀ। ଏକ ପୂର୍ବ ନିର୍ଦ୍ଧାରିତ ୟୁରୋପିୟ ଅଭିଯାନକୁ ବାତିଲ କରିବା ପରେ ସେ ନିଜର ସମୟ ଓ ପ୍ରୟାସକୁ ମହାମାରୀ ସମୟରେ ସାହାଯ୍ୟ ଆବଶ୍ୟକ କରୁଥିବା ଅସହାୟ ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ବିନିଯୋଗ କରିବାକୁ ନିଷ୍ପତି ନେଇଥିଲେ। ନିଜ ବନ୍ଧୁମାନଙ୍କ ସହଯୋଗରେ ନିଳାଚଳ ପନିପରିବା ବିକ୍ରି କରିବା, ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ହୋମ୍ ଡେଲିଭରିର ବିକଳ୍ପ ପ୍ରଦାନ କରିବା ଲାଗି ଏକ ମେକ୍‌ସିଫ୍ଟ ହଟ୍ ସ୍ଥାପନ କରିଥିଲେ। ଏହି କାର୍ଯ୍ୟ ସହରର ବରମୁଣ୍ଡା ଅଂଚଳର ନିବାସୀମାନଙ୍କୁ ଅନେକ ସାହାଯ୍ୟ କରିଥିଲା ଏବଂ ନିଜର ମୂଲ୍ୟବାନ ଅବଦାନ ପାଇଁ ତାଙ୍କୁ ପ୍ରଶଂସା କରାଯାଇଥିଲା।

# ରାପିଡୋ ପକ୍ଷରୁ ଆପ୍ ଆଧାରିତ ଅଟୋ ବୁକିଙ୍ଗ ସେବା 'ରାପିଡୋ ଅଟୋ'ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ବୃହତମ ବାଇକ ଟାକ୍ସି ପ୍ଲାଟଫର୍ମ, ରାପିଡୋ ପକ୍ଷରୁ ଭାରତର ୧୦ଟି ରାଜ୍ୟର ୧୪ଟି ସହରରେ ଏହାର ରାପିଡୋ ଅଟୋ ସେବାର ଶୁଭାରମ୍ଭ କରାଯାଇଛି । ଏହି ସେବା ଯାତ୍ରୀମାନଙ୍କୁ ନିଜ ଘରର ଆରାମ ଏବଂ ସୁରକ୍ଷା ମଧ୍ୟରେ ରହି ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅଟୋ ବୁକ୍ କରିବାର ଅନୁମତି ଦେବ। ଏହି ସେବା ସର୍ବନିମ୍ନ ସୁବିଧା ଦେୟ ସହିତ ମିଟର ମୂଲ୍ୟରେ ଉପଲବ୍ଧ ହେବ। ୨୦୨୦ ଶେଷ ସୁଦ୍ଧା କମ୍ପାନୀ ଏହି ଅଟୋ ସେବାକୁ ଭାରତର ୫୦ଟି ସହରକୁ ସଂପ୍ରସାରିତ କରିବା ପାଇଁ ଲକ୍ଷ ରଖିଛି । ଏହା ହେଉଛି ଶୁଭାରମ୍ଭର ପ୍ରଥମ ପର୍ଯ୍ୟାୟ ଏବଂ ଏପର୍ଯ୍ୟନ୍ତ ରାପିଡୋ ୨୦,୦୦୦ ଅଟୋ କ୍ୟାପ୍‌ଟେନମାନଙ୍କୁ(ଚାଳକ-ସହଯୋଗୀ) ଅନ୍ତର୍ଭୁକ୍ତ କରିସାରିଛି । ଏହା ଆଗାମୀ ୬ ମାସ ମଧ୍ୟରେ ଅଧା ମିଲୟନ କ୍ୟାପ୍‌ଟେନଙ୍କୁ ସାମିଲ କରିବାର ଲକ୍ଷ ରଖିଛି। ଇଚ୍ଛୁକ ଅଟୋ




ଚାଳକମାନେ ରାପିଡୋ କ୍ୟାପ୍‌ଟେନ ଆପ୍ କିମ୍ବା ରାପିଡୋ ହେଲ୍‌ପଲାଇନ୍ ନମ୍ବରରେ ଯୋଗାଯୋଗ କରି ନିଜେ ଏହି ସେବାରେ ସାମିଲ ହୋଇପାରିବେ । ରାପିଡୋ ଅଟୋର ଶୁଭାରମ୍ଭ ସମ୍ପର୍କରେ ରାପିଡୋର ସହ ପ୍ରତିଷ୍ଠାତା ଶ୍ରୀ ଅରବିନ୍ଦ ଶଙ୍କା କହିଛନ୍ତି ଯେ, "ଏହି ରାପିଡୋ ଅଟୋ ଜରିଆରେ ଆମେ ଯାତ୍ରୀମାନଙ୍କୁ ଆମର ବାଇକ ସେବା ବ୍ୟତୀତ ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅନ୍ୟ ଏକ ସୁଲଭ ଏବଂ ସୁରକ୍ଷିତ ବିକଳ୍ପ ଯୋଗାଇଦେବାର ଲକ୍ଷ ରଖିଛୁ, ଯାହା ପରିଚାଳନା ଏବଂ ମୂଲ୍ୟ ନିର୍ଦ୍ଧାରଣରେ ମୂଲ୍ୟଯୁକ୍ତ ଅଟେ ।" ରାପିଡୋ ଅଟୋ ସୁବଠାରୁ ସୁଲଭ ଏବଂ ଆନ୍ତଃ ସହର ଯାତାୟାତ ବିକଳ୍ପରେ ସୁରକ୍ଷା ଅଂଶକୁ ସାମିଲ କରିବ । ପ୍ରତ୍ୟେକ ରାପିଡୋ ଅଟୋ ରାପିଡୋର ଜିପିଏସ ଟେକ୍ନୋଲୋଜିରେ ସମୃଦ୍ଧ ରହିବ । ରାପିଡୋ ଅଟୋ ଜରିଆରେ ବ୍ୟବହାରକାରୀମାନେ ସେମାନଙ୍କ ଭ୍ରମଣକୁ ନିଜର ପ୍ରିୟଜନଙ୍କ ସହିତ ରିୟଲ ଟାଇମ ମଧ୍ୟରେ ଟ୍ରାକ ଏବଂ ସେୟାର କରିବାକୁ ସକ୍ଷମ ହେବେ । ଯାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଅନୁରୂପ ଅଭିଜ୍ଞତାକୁ ସୁନିଶ୍ଚିତ କରିବା ଲାଗି ରାପିଡୋ ବାଇକ ଟାକ୍ସି ଗୁଡ଼ିକ ଭଳି ରାପିଡୋ ଅଟୋରେ ମଧ୍ୟ ଏକ ଇନ-ଆପ ଫିଡବ୍ୟାକ ମେକାନିଜିମ ରହିବ । ଗ୍ରାହକ ଏବଂ କ୍ୟାପ୍‌ଟେନମାନଙ୍କୁ ସୁରକ୍ଷା ଦେବା ପାଇଁ ମାନଦଣ୍ଡଗୁଡ଼ିକର ଅନୁସରଣ କରିବା ଏବଂ ସୁରକ୍ଷା ବଜାୟ ରଖିବା ଦିଗରେ ନିକଟରେ ରାପିଡୋ ପକ୍ଷରୁ ବାଇକ ଟାକ୍ସି ରାଇଡ ପାଇଁ ଅଭିନବ ସୁରକ୍ଷା ବ୍ୟାକ ସିଲ୍ଡ ସମେତ ଅନେକ ପଦକ୍ଷେପର ଘୋଷଣା କରାଯାଇଛି ।




# ବିଜେଡ଼ି ଓ ବିଜେପି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ

ଭୁବନେଶ୍ୱର (ପିଏନ୍)-ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରାମ ଗତକାଲି ଭଦ୍ରକ ଜିଲ୍ଲାର ଇରମ ଠାରୁ ଆରମ୍ଭ ହୋଇଥିବା ଜନସଂପର୍କ ଯାତ୍ରାର ଦ୍ୱିତୀୟ ଦିବସରେ ବାରିପଦାରେ ଅନୁଷ୍ଠିତ ଜନସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ପଟ୍ଟନାୟକ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟସରକାରଙ୍କ ବିଫଳତା ନେଇ କଡା ସମାଲୋଚନା କରିଥିଲେ। ନବୀନ ଓ ମୋଦି ଏକ ମୁଦ୍ରାର ଦୁଇଟି ପାର୍ଶ୍ୱ। ରାଜଧାନୀରେ କଳି ଦିଲ୍ଲୀରେ କୋଳାକୋଳି। ରାଜ୍ୟରେ ବେକାରୀ ସମସ୍ୟା, ନାରୀ ନିର୍ଯ୍ୟାତନା, କୃଷକ ଆତ୍ମହତ୍ୟା ଦ୍ରୁତି ଗତିରେ ବୃଦ୍ଧି ପାଉଛି। ଅତ୍ୟାବଶକୀୟ ସାମଗ୍ରୀର ଦରବୃଦ୍ଧି ବର୍ତମାନ ସାଧାରଣ ଜନତାଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ରାଜ୍ୟର ଋଣଭାର ଆଜି ଏକଲକ୍ଷ ୧୪ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି। ୨୦୦୦ ମସିହା ଶେଷସୁଦ୍ଧା ଯେତେବେଳେ କଂଗ୍ରେସ ସରକାର ଥିଲା ୧୯ହଜାର କୋଟି ଟଙ୍କା ଥିଲା। କିଂୁ ରାଜ୍ୟ ସରକାର ରାଜ୍ୟର ପ୍ରକୃତ ସ୍ଥିତିକୁ ଲୋକଙ୍କ ସାମନାରେ ନରଖି ମିଛ ଘୋଷଣା ପରେ ଘୋଷଣା କରି ଲୋକଙ୍କୁ ଭୁଆଁ ବୁଲାଇ ଭୋଟ ନେଉଛନ୍ତି। ଯେଉଁ ସବୁ ରାଷ୍ଟ୍ରୀୟ ସଂପତି ସ୍ୱାଧୀନତାର ପରବର୍ତି ସମୟରେ ବିଗତ ଦିନର କଂଗ୍ରେସ ସରକାର ସୃଷ୍ଟି କରିଥିଲା ଆଜି ମୋଦି ସରକାର ତାଙ୍କର ଦୁଇ ବ୍ୟବସାୟୀ ବନ୍ଧୁଙ୍କ ହାତରେ ଟେକି ଦେଉଛନ୍ତି। ଭାରତ ବର୍ଷର ଜାତୀୟ ରାଜପଥ, ବନ୍ଦର, ରେଳଷ୍ଟେସନ, ରେଳ ଲାଇନ ଏବଂ ସର୍ବୋପରି ବିମାନ ବନ୍ଦର ଠୁ ଆରମ୍ଭ କରି ସରକାରୀ ସାଧାରଣ ଉଦ୍ୟୋଗକୁ ବିକ୍ରି କରି ଚାଲିଛନ୍ତି। ଶେଷରେ ଭାରତ ବର୍ଷର ଯୁବକମାନଙ୍କର ଭବିଷ୍ୟତକୁ ନଷ୍ଟଭ୍ରଷ୍ଟ କରି ଦେବାପାଇଁ ଏକ ଚକ୍ରା‘ ଚଳାଇଛନ୍ତି। ଭାରତବର୍ଷର ସାମରିକ ବାହିନୀକୁ ଦୁର୍ବଳ କରି ଦେବାପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ଯେଉଁ ଅଗ୍ନିପଥ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ଅଗ୍ନିବୀର ମାନଙ୍କୁ ମାତ୍ର ୪ ବର୍ଷ ପାଇଁ ସୈନ୍ୟ ବିଭାଗରେ ନିଯୁକ୍ତି କରିବାକୁ ଚାହୁଁଛନ୍ତି। କଂଗ୍ରେସ ଦଳ ଏ ନିଷ୍ପତିକୁ ଦୃଢ଼ ଭାବରେ ବିରୋଧ କରୁଛି। କଂଗ୍ରେସ ଦଳ ଭାରତ ବର୍ଷର ଯୁବକ ମାନଙ୍କର ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ପ୍ରତିମୂହର୍ତରେ ସେମାନଙ୍କ ସହିତ ଛିଡ଼ା ହୋଇଛି। କୌଣସି ପରିସ୍ଥିତିରେ ଭାରତରେ ସାମିରିକ ଶକ୍ତିକୁ ଦୁର୍ବଳ କରିବାକୁ ଦିଆଯିବ ନାହିଁ। କଂଗ୍ରେସ ଏକମାତ୍ର ରାଜନୈତିକ ଦଳ ଯିଏକି ଉଭୟ ବିଜେଡ଼ି ଓ ବିଜେପି ବିରୋଧରେ ଲଢ଼େଇ କରିବାରେ ଶକ୍ତି ଓ ସାମର୍ଥ୍ୟ ରଖିଛି। ବର୍ତମାନ ସମୟ ଆସିଛି କଂଗ୍ରେସର ସମସ୍ତ ବନ୍ଧୁମାନେ ଏକାଠି ହେବାର। ଯେଉଁ କଂଗ୍ରେସ ନେତୃବୃନ୍ଦ ମାନେ ମାନ ଅଭିମାନରେ କଂଗ୍ରେସ ଦଳରୁ ଦୁରେଇ ଯାଇଛନ୍ତି ସେମାନଙ୍କୁ ଯଥାଶୀଘ୍ର ଦଳକୁ ଫେରିବାପାଇଁ ଶ୍ରୀ ପଟ୍ଟନାୟକ ନିବେଦନ କରିଥିଲେ। ସମସ୍ତେ ମିଳିମିଶି ବୁଥସ୍ତରରୁ କଂଗ୍ରେସ ଦଳକୁ ସୁଦୃଢ଼ କରି ମୋଦି ଓ ନବୀନ ଓ ସରକାରଙ୍କ ବିରୋଧରେ ଲଢ଼େଇ କରି ୯୦ ବିଧାୟକ ଜୟଯୁକ୍ତ ହୋଇ ସରକାରକୁ ଆସି ପାରିବା ବୋଲି ଶ୍ରୀ ପଟ୍ଟନାୟକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କଂଗ୍ରେସ ସରକାର ଆସିଲେ ଯୁବକ ମାନଙ୍କୁ ପ୍ରାଧାନ୍ୟ ଦିଆଯିବ, ମହିଳାଙ୍କ ସୁରକ୍ଷା ଓ ସମ୍ମାନକୁ ପ୍ରତ୍ୟେକ ସ୍ତରରେ ରକ୍ଷା କରାଯିବ। କୌଣସି ଯାଗାରେ କଂଗ୍ରେସ କର୍ମୀଙ୍କୁ ଯିଏ ହଇରାଣ କରୁଥିବ ସିଏ ଯିଏ ହେଉନା କାହିଁକି ତାକୁ ଦମନ କରାଯିବ। ସଭା ପ୍ରାରମ୍ଭରେ ପିସିସି ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକଙ୍କୁ ଏକ ମୋଟର ସାଇକଲେ ଶୋଭାଯାତ୍ରାରେ ବିର୍ଷାମୁଣ୍ଡା ଛକଠାରୁ ସଭାପର୍ଯ୍ୟ‘ ନିଆଯାଇଥିଲା। ମୟୁରଭ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ହେମ‘ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ସଭାର ଶୁଭାରମ୍ଭ କରିଥିଲେ। ଆଜିର ଜନସଂପର୍କ ଯାତ୍ରାର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ପିସିସି ଉପସଭାପତି ସରସ୍ୱତୀ ହେମ୍ବ୍ରମ, ସୁରେଶ ମହାପାତ୍ର, କିଶୋର ଜେନା, ଶୁଭେନ୍ଦୁ ମହାଂି, ଲୋକନାଥ ମହାରଥି, ଜ୍ଞାନ ପଟ୍ଟନାୟକ, ଦେବାଶିଷ ମହାପାତ୍ର, ରାଜ୍ୟ ସାମାଜିକ ଗଣମାଧ୍ୟମର ଅଧ୍ୟକ୍ଷ ଅଭିଷେକ ମହାନନ୍ଦ, ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ, ସୁଦର୍ଶନ ଦାସ, ହିମାଂଶୁ ପରିଡ଼ା, ପ୍ରଦୀପ ରଥ, ପ୍ରଭାସକର ମହାପାତ୍ର, ନିରୋଜ ଲୋଚନ ଦାସ, ଯୋଗେଶ ଅଗ୍ରୱାଲ, ଭୁବନ ସାହୁ, ଅରବିନ୍ଦ ଦାସ, ପ୍ରକାଶ ମହାଂି, ନବୀନ ବାରିକ, ମହେନ୍ଦ୍ର ନାୟକ, ଶା‘ନୁ ପାଲ, ସସ୍ମିତା ଘୋଷାଲ, ଅଂଶୁମାନ ଦାସ, ମୋତିପ୍ରକାଶ ଦାସ, ଜ୍ୟୋତି ପ୍ରକାଶ ରଥ ପ୍ରମୁଖ ହଜାର ହଜାର ସଂଖ୍ୟାରେ ଛାତ୍ର, ଯୁବ, ମହିଳା କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଯୋଗଦେଇଥିଲେ।

# ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି

### ସମଗ୍ର ଓଡ଼ିଆଙ୍କ ସର୍ବକାଳୀନ ଆଦର୍ଶ ଉତ୍କଳମଣି ଗୋପବନ୍ଧୁ



ଭୁବନେଶ୍ୱର (ପିଏନ୍): ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ୯୪ତମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ୟୁନିଟ-୮ସ୍ଥିତ ପ୍ରତିମୂର୍ତି ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ ସହ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଭିଯାନର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ ଯେ, ଉତ୍କଳମଣି ଗୋପବନ୍ଧୁ ଥିଲେ ଏକାଧାରରେ ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ସମାଜସେବୀ, ସଂପାଦକ, ପଂଚସଖାମାନଙ୍କ ମଧ୍ୟରୁ ଅନ୍ୟତମ ତଥା ସମଗ୍ର ଓଡ଼ିଆଙ୍କ ସର୍ବକାଳୀନ ଆଦର୍ଶ। ଓଡ଼ିଆ ଭାଷା, ସାହିତ୍ୟ, ସାମ୍ବାଦିକତା, ସଂସ୍କୃତିକୁ ତାଙ୍କ ଅବଦାନ ଥିଲା ଅତୁଳନୀୟ। ଏହାସହିତ ସମାଜସେବାର ମୂର୍ତିମନ୍ତ ପ୍ରତୀକ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏବଂ ଖବରକାଗଜ ସମାଜର ସଂପାଦକ ଭାବେ ତାଙ୍କ ସମର୍ପିତ ନିଷ୍ଠା ଓ କାର୍ଯ୍ୟର ଆଜି ବି ପ୍ରାସଙ୍ଗିକତା ରହିଛି। ଉକ୍ତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବର୍ଷିୟାନ ସ୍ୱାଧୀନତା ସଂଗ୍ରାମୀ ପର୍ଶୁରାମ ଦ୍ୱିବେଦୀ, ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର, ସରକାରଙ୍କ ଅନୁସଚିବ ଲକ୍ଷ୍ମୀଧର ବେହେରା, ଓଡ଼ିଶା ନାଗରିକ ମହାମଂଚର ସଂପାଦକ ପ୍ରଦୀପ ବିଶ୍ୱାଳ, ଉମାନାଥ ମିଶ୍ର, ଗାୟକ ସୁରେନ୍ଦ୍ର ଛୋଟରାୟ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଯୁବ ସାମ୍ବାଦିକ ଲିଙ୍ଗରାଜ ସାହୁଙ୍କୁ ବିଶ୍ୱମଣି ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

## କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦ୍ରାପଡା (ପିଏନ୍): ବିଶ୍ୱ ପରିବେଶ ଦିବସ ଅବସରରେ କେନ୍ଦ୍ରାପଡା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ ଥିଲା "ଏକମାତ୍ର ପୃଥିବୀ।" ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ମଧୁସୂଦନ କାମିଲା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିବା ସହ ସବୁଜ ପରିବେଶ ସୃଷ୍ଟି କରିବା ପାଇଁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର ଦୁଇ କାର୍ଯ୍ୟକାରୀ ଅଧିକାରୀ ଅଧ୍ୟାପକ ଗିରିଜାକାନ୍ତ ଦାସ ଓ ଅଧ୍ୟାପକ ମୃତ୍ୟୁଞ୍ଜୟ ମହାନ୍ତି ପରିଚାଳନା କରିଥିଲା ବେଳେ ସ୍ୱେଚ୍ଛାସେବୀ ଶଶୀପ୍ରସାଦ ମହାରଣା, ରାଜେନ୍ଦ୍ର ଲେଙ୍କା, ସାଇନମ୍ ପରୱିନ୍, ମାମାଲି ସାହୁ, ଲୋପିତା ପଲାଇ, ଅର୍ପିତା ପରିଡା ପ୍ରମୁଖ ବୃକ୍ଷ ରୋପଣରେ ସାହାଯ୍ୟ କରିଥିଲେ।

# ନିଶା କବଳରେ କବଳିତ କୋଣାର୍କ



କୋଣାର୍କ (ପିଏନ୍): ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ଆଜି ନିଶାଦ୍ରବ୍ୟ କବଳରେ କବଳିତ। ସରକାରୀ ନୀତି ନିୟମ ନମାନି ସର୍ବସାଧାରଣରେ ଏହାର ସେବନ ଓ ବିକ୍ରୀ ଉପରେ ନିଷେଧାଦେଶ ଥିଲେ ମଧ୍ୟ କେହି ନୀତି ନିୟମକୁ ମାନୁନାହାନ୍ତି। ଖୁଲମଖୁଲା କୋଣାର୍କ ବଜାରର ବିଭିନ୍ନ ଛକ ଓ ନିକଟସ୍ଥ ଗ୍ରାମରେ ଥିବା ପାନଦୋକାନ, ଜଳଖିଆ ଦୋକାନ, ଗ୍ରୋସରୀ ଦୋକାନ ଓ ହୋଟେଲମାନଙ୍କରେ ଅବାଧରେ ନିଶାଦ୍ରବ୍ୟ ବିକ୍ରୀ ହେଉଛି। ଫଳରେ ହାତପାଆନ୍ତାରେ ନିଶାଦ୍ରବ୍ୟ ମିଳିଯାଉଥିବାରୁ ଯୁବଗୋଷ୍ଠୀଙ୍କ ସମେତ ସବୁ ବର୍ଗର ବ୍ୟକ୍ତି ବିଭିନ୍ନ ଆଳରେ ନିଶାସେବନ କରୁଥିବା ଦେଖିବାକୁ ମିଳୁଛି। ଏହି ଯୁବଗୋଷ୍ଠୀ ପ୍ରତ୍ୟେହ ନିଶାସେବନ କରିବା ଯୋଗୁଁ ସେମାନେ ନିଶା ବିନା ବଞ୍ଚିବା ଯେପରି ସମ୍ଭବପର ନୁହେଁ ତାହା ଦେଖିବାକୁ ମିଳୁଛି। ସେମାନଙ୍କର ଧୈର୍ଯ୍ୟର ଅଭାବ ପାଇଁ ହେଉ ବା ପ୍ରତ୍ୟେହ ନିଶା ଯୋଗୁଁ ହେଉ, ଏ ବିଷବଳୟରେ ଛନ୍ଦିହୋଇ ଏହାକୁ ଛାଡ଼ିପାରୁ ନ ଥିବା ଲୋକେ ପାଗଳଙ୍କ ଭଳି ନିଶାସେବନ ପାଇଁ ଖୋଜି ବୁଲୁଛନ୍ତି ଦୋକାନମାନଙ୍କରେ। ନିଶାସକ୍ତ ଅବସ୍ଥାରେ ଏହି ନିଶାଡିମାନେ ସ୍ଥାନୀୟ ଝିଅ ବୋହୂଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଗଣ୍ଡଗୋଳ କରୁଥିବା ଦେଖିବାକୁ ମିଳିଛି। ଏହି ନିଶାଡିମାନେ ନିଶାସକ୍ତ ଅବସ୍ଥାରେ ଯାନବାହନ ଚଳାଉଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟି ଧନଜୀବନ ଯାଉଥିବା ନଜିର ରହିଛି। କୋଣାର୍କ ଭଳି ଏକ ଆନ୍ତର୍ଜାତିକ ପର୍ଯ୍ୟଟନ କ୍ଷେତ୍ରରେ ନିଶାଡିମାନଙ୍କ ଉତ୍‌ପାତ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପୁଲିସ ପକ୍ଷରୁ ନିଶାଡିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ହେବା ଏବଂ ଦିବା ଓ ରାତ୍ରିକାଳିନ ପ୍ୟାଟ୍ରୋଲିଂ ନ ହେବାରୁ ମଦ୍ୟପମାନେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରଣୀ, ସମୁଦ୍ରକୂଳ, ହେଲିପ୍ୟାଡ, ଭଗବତୀ ରୋଡ, କଲେଜ ପଡିଆ ସମେତ ଏଠାରେ ଥିବା କେତେକ ହୋଟେଲରେ ବସି ଖୁଲମଖୁଲା ନିର୍ଭୟରେ ମଦ୍ୟପାନ କରୁଥିବା ବେଳେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏଥିସହ ମଦ୍ୟପମାନେ ବିଭିନ୍ନ ପ୍ରକାର ଅପରାଧମୂଳକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ମଦ୍ୟପଙ୍କ ଦୌରାତ୍ମ୍ୟରେ ଚୋରୀ, ରାହାଜାନୀ ଏବେ ନିତିଦିନିଆ ଘଟଣାରେ ପରିଣତ ହୋଇଛି। କୋଣାର୍କ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଚୋରାରେ ମଦ, ଗଞ୍ଜେଇ, ଅଫିମ, ଚରସ, ବ୍ରାଉନସୁଗାର କାରବାର ଅବାଧରେ ହେଉଥିବା ସାଧାରଣରେ ଅଭିଯୋଗମାନ ହେଉଛି। ପୁଲିସ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଏହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଚୋରାରେ ନିଶାଦ୍ରବ୍ୟ ବିକ୍ରୟ କରୁଥିବା ବେପାରୀମାନଙ୍କ ବିରୋଧରେ ଅବକାରୀ ବିଭାଗ ଓ ପୁଲିସ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ବେଳେ ଲୋକଦେଖାଣିଆ ଭାବେ କେତେକ ସ୍ଥାନରେ ଚଢ଼ାଉ କରାଯାଉଛି। ଫଳରେ ଚୋରା ନିଶାବେପାରୀମାନେ ନିର୍ଭୟରେ ନିଜ ସାମ୍ରାଜ୍ୟ ବିସ୍ତାର କରିଚାଲିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ଦୃଢ ପଦକ୍ଷପ ନେବାପାଇଁ ସାଧାରଣରେ ଦାବି ହେଉଛି।






DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପିକା ମୋନାଲିସା ସିଂଙ୍କ ତତ୍ତ୍ୱାବଧାନରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କ ପରାମର୍ଶରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଜାତୀୟ ସମର ଶିକ୍ଷାର୍ଥୀର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଅଧ୍ୟକ୍ଷା କହିଥିଲେ ବୃକ୍ଷ ହିଁ ଜୀବନ ଏବଂ ପରିବେଶର ପ୍ରଦୂଷଣ ଯୋଗୁଁ କେଉଁଭଳି ଭାବରେ ପ୍ରାଣୀଜଗତ ପ୍ରଭାବିତ ହେବାକୁ ଯାଉଛନ୍ତି। ପରିବେଶ ସୁରକ୍ଷା ନିମିତ୍ତ ବ୍ୟାପକ ବୃକ୍ଷରୋପଣ ସଙ୍ଗେସଙ୍ଗେ ପ୍ରଦୂଷଣକୁ ହ୍ରାସ କରିବା ଆମ ସମସ୍ତଙ୍କର କାମ ହେବା ଉଚିତ୍। ପ୍ରାଧ୍ୟାପକ ରଞ୍ଜିତ ଦାସ, ଅଶୋକ କୁମାର ଦାସ, ଅଧ୍ୟାପକ ସେକ୍ ହବିବ୍, ସୁବ୍ରତ କୁମାର ପାତ୍ର ଓ ଡ. ଦେବକାନ୍ତ ଷଡଙ୍ଗୀ ପ୍ରମୁଖ ଅଧ୍ୟାପିକା ସିଂଙ୍କୁ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହାୟତା କରିଥିଲେ।

## ଶୈଲଙ୍ଗ ସମିତି ନିର୍ବାଚନ ଅଧିକାରୀଙ୍କ ନିରପେକ୍ଷତାକୁ ନେଇ ଅଭିଯୋଗ

ଘଷିପୁରା (ପିଏନ୍): ଚଳିତ ସମବାୟ ନିର୍ବାଚନରେ ଆନନ୍ଦପୁର ଉପଖଣ୍ଡ ଶୈଲଙ୍ଗ ସମବାୟ ସମିତିର ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ ଉପୁଜିଛି। ଖବର ଅନୁଯାୟୀ ସମିତିର ପୂର୍ବତନ ସଭାପତି କେ.ସି. ବ୍ୟାଙ୍କରୁ ଋଣ ନେଇ ଖିଲାପି କରିଥିବା ପ୍ରମାଣ ଓ ଲିଖିତ ଅଭିଯୋଗ ପାଇ ମଧ୍ୟ ତାଙ୍କ ପ୍ରାର୍ଥୀପତ୍ର କାଏମ୍ ରଖିବାକୁ ନିର୍ବାଚନ ଅଧିକାରୀଙ୍କ ବାସଭବନରେ ତାଙ୍କ ସହ ସଲାସୁତୁରା କରୁଥିବା ଅଭିଯୋଗ ଆସିଛି। ସେହିଭଳି ସମିତିରେ ବେତନଭୋଗୀ କର୍ମଚାରୀଙ୍କ ପରିବାର ସଦସ୍ୟ ନିର୍ବାଚନରେ ଭାଗ ନେଇପାରିବେ ନାହିଁ ବୋଲି ସମବାୟ ଆଇନ୍‌ରେ ନିଷିଦ୍ଧ କରାଯାଇଥିବା ସତ୍ତ୍ୱେ ଜନୈକ କର୍ମଚାରୀଙ୍କ ବାପା ମହେଶ୍ୱର ଅମାନ୍ତ ନିର୍ବାଚନରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ଏବଂ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଅଭିଯୋଗ କରିଥିଲେ ମଧ୍ୟ ନିର୍ବାଚନ ଅଧିକାରୀ ନାକଚ କରିନାହାନ୍ତି ବୋଲି ନିର୍ବାଚନରେ ଭାଗ ନେଇଥିବା ରଂଜନ ପୁହାଣ ଅଭିଯୋଗ କରିଛନ୍ତି।

## ପରିବେଶଭିତ୍ତିକ ଲେଖା ପାଇଁ ଶିକ୍ଷୟିତ୍ରୀ ପୁରସ୍କୃତ

ଯାଜପୁର (ପିଏନ୍): ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପରିବେଶ ସମ୍ବନ୍ଧୀୟ ଉତ୍କୃଷ୍ଟ ପ୍ରବନ୍ଧ ରଚନା ପାଇଁ ଯାଜପୁର ଜିଲ୍ଲା ସ୍କୁଲର ଶିକ୍ଷୟିତ୍ରୀ କ୍ଷୀରୋଦମୟୀ ପତି ପୁରସ୍କୃତ ହୋଇଛନ୍ତି। ରାଜ୍ୟ ପରିବେଶ ଶିକ୍ଷାକେନ୍ଦ୍ର, ଭୁବନେଶ୍ୱର ତରଫରୁ ରାଜ୍ୟର ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ 'ପ୍ଲାଷ୍ଟିକ୍‌ର ବିକଳ୍ପ ବ୍ୟବହାର' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ସେଥିରେ ସେ ସଫଳତା ଲାଭ କରିଥିଲେ। ଭୁବନେଶ୍ୱରର ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ମୋନା ଶର୍ମା ଶ୍ରୀମତୀ ପତିଙ୍କୁ ଆର୍ଥିକ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ସେଠାରେ ରାଜ୍ୟ ପରିବେଶ ଶିକ୍ଷାକେନ୍ଦ୍ରର ନିର୍ଦ୍ଦେଶକ ରାଜୀବ କୁମାର ଓ ସ୍ୱତନ୍ତ୍ର ଶାସନ ସଚିବ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀଙ୍କ ଏହି ସଫଳତା ନିମନ୍ତେ ଯାଜପୁରର ଜିଲ୍ଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି, ଯାଜପୁର ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ଆଲୋକ କୁମାର ବନ୍ଧ, ବିଦ୍ୟାଳୟର ସହକର୍ମୀବୃନ୍ଦ ଏବଂ ଜିଲ୍ଲା ପରିବେଶ ସମିତିର ସମ୍ପାଦକ ଡଃ ଶରତ କୁମାର ସାହୁ ଏବଂ ଶୁଭେଚ୍ଛୁବୃନ୍ଦ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରବନ୍ଧ ରଚନା ପାଇଁ ରାଜ୍ୟସ୍ତରରେ ଶିକ୍ଷୟିତ୍ରୀ ପୁରସ୍କୃତ

ଯାଜପୁର (ଏନ୍‌ଏନ୍‌ଏସ୍): ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପରିବେଶ ସମ୍ବନ୍ଧୀୟ ଉତ୍କୃଷ୍ଟ ପ୍ରବନ୍ଧ ରଚନା ପାଇଁ ଯାଜପୁର ଜିଲ୍ଲା ସ୍କୁଲର ଶିକ୍ଷୟିତ୍ରୀ କ୍ଷୀରୋଦମୟୀ ପତି ପୁରସ୍କୃତ ହୋଇଛନ୍ତି। ରାଜ୍ୟ ପରିବେଶ ଶିକ୍ଷାକେନ୍ଦ୍ର, ଭୁବେନଶ୍ୱର ତରଫରୁ ରାଜ୍ୟର ଇକୋ କ୍ଲବ ଦାୟିତ୍ୱରେଥିବା ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ 'ପ୍ଲାଷ୍ଟିକ୍‌ର ବିକଳ୍ପ ବ୍ୟବହାର' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ସେଥିରେ ସେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ମୋନା ଶର୍ମା ଶ୍ରୀମତୀ ପତିଙ୍କୁ ଆର୍ଥିକ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ସେଠାରେ ରାଜ୍ୟ ପରିବେଶ ଶିକ୍ଷା କେନ୍ଦ୍ରର ନିର୍ଦ୍ଦେଶକ ରାଜୀବ କୁମାର ଓ ସ୍ୱତନ୍ତ୍ର ଶାସନ ସଚିବ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀଙ୍କ ଏହି ସଫଳତା ନିମନ୍ତେ ଯାଜପୁର ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଆଲୋକ କୁମାର ବନ୍ଧ, ବିଦ୍ୟାଳୟର ସହକର୍ମୀ ବୃନ୍ଦ ଏବଂ ଜିଲ୍ଲା ପରିବେଶ ସମିତିର ସମ୍ପାଦକ ଡଃ ଶରତ କୁମାର ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ମଲ୍ଲିକାପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭାରାପ୍ରାପ୍ତ ଅଧ୍ୟକ୍ଷା ବିଶ୍ୱପୂଜିତା ଦ୍ୱିବେଦୀ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

## କୁକୁର କାମୁଡାରେ ଆହତ ହରିଣ ଉଦ୍ଧାର

କେନ୍ଦୁଝର (ପିଏନ୍): ସଦର ରେଂଜ ନରଣପୁର ସେକ୍ସନ ଅନ୍ତର୍ଗତ ତୁଳସୀଚଉଁରା ଗ୍ରାମରୁ ଏକ କୁକୁର କାମୁଡାରେ ଆହତ କୁଟୁରାକୁ ବନ ବିଭାଗ ଉଦ୍ଧାର କରିଛି। ସକାଳ ସମୟରେ ଅଣ୍ଡିରା କୁଟୁରାଟି ବାରାସି ଜଙ୍ଗଲରୁ ଗାଁ ପାଖକୁ ଚାଲି ଆସିଥିବା ବେଳେ କୁକୁର ଆକ୍ରମଣର ଶୀକାର ହୋଇ ଆହତ ହୋଇଥିଲା। ବନ ବିଭାଗ କର୍ମଚାରୀ ଆହତ କୁଟୁରାକୁ ଉଦ୍ଧାର କରି ପଶୁ ଚିକିତ୍ସାଳୟରେ ଚିକିତ୍ସା କରିବା ପରେ ନରଣପୁର ସେକ୍ସନ ଅଫିସରେ ରଖାଯାଇଛି। ସୁସ୍ଥ ହେଲା ପରେ ତାକୁ ଜଙ୍ଗଲରେ ଛାଡି ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ କୁଟୁରାର ବୟସ ୫ ବର୍ଷ ହେବ ବୋଲି ଜଣାପଡିଛି। ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁଁ ବନ୍ୟପ୍ରାଣୀ ଜଙ୍ଗଲରୁ ବାହାରି ଗ୍ରାମାଞ୍ଚଳମୁହାଁ ହେଉଛନ୍ତି। ଫଳରେ ଅନେକ ସମୟରେ ଶିକାରୀ ତଥା କୁକୁର ହାବୁଡରେ ପଡି ବନ୍ୟପ୍ରାଣୀ ମୃତ୍ୟୁବରଣ କରୁଛନ୍ତି।

## ଡାକ ବିଭାଗ ତରଫରୁ ବାଂଶପାଳ ବ୍ଲକ ଯାତ୍ରାଠାରେ ଆଧାର କ୍ୟାମ୍ପ୍ ଅନୁଷ୍ଠିତ

କେନ୍ଦୁଝର (ପିଏନ୍): ସଂପ୍ରତି ବାଂଶପାଳ ବ୍ଲକର ବହୁ ଗ୍ରାମ ଅତ୍ୟନ୍ତ ଦୁର୍ଗମ ସ୍ଥାନରେ ଅବସ୍ଥିତ। ସେଠାକାର ଅଧିବାସୀ ପ୍ରାୟତଃ ଅନୁସୂଚିତ ଜାତି ଅଟନ୍ତି। ବର୍ତ୍ତମାନ ପ୍ରତ୍ୟେକ କ୍ଷେତ୍ରରେ ଆଧାର କାର୍ଡ ଅନିର୍ବାର୍ଯ୍ୟ ହୋଇ ପଡିଛି। ସେଠାକାର ବହୁ ଅଧିବାସୀଙ୍କର ଏ ପର୍ଯ୍ୟନ୍ତ ଆଧାର କାର୍ଡ ହୋଇପାରିନାହିଁ। ଯଦିଓ କେତେକଙ୍କର ହୋଇଛି ତାହା ମଧ୍ୟ ନିର୍ଭୁଲ ନୁହେଁ। ଏହାକୁ ଆଖି ଆଗରେ ରଖି ଡାକ ବିଭାଗ ତରଫରୁ ବାଂଶପାଳ ଉପ-ଡାକପାଳ ତଥା ରାଜ୍ୟ ଜନଜାତି ସଂପ୍ରଦାୟର ସମ୍ପାଦକ ଶ୍ରୀ ଗିରିଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ଉଦ୍ୟମରେ ବାଂଶପାଳସ୍ଥ ଯାତ୍ରା ଗ୍ରାମପଂଚାୟତ କାର୍ଯ୍ୟାଳୟରେ ଏକ ଆଧାର କ୍ୟାମ୍ପ୍ ଆୟୋଜିତ ହୋଇଯାଇଅଛି। ଏଥିରେ ସ୍ଥାନୀୟ ସରପଂଚ, ନାଏବ ସରପଂଚ, ୱାର୍ଡମେମ୍ବର,ଅଙ୍ଗନୱାଡି କର୍ମୀ, ସ୍ଥାନୀୟ ବିଡିଓ ଓ ସିଡିପିଓ ପ୍ରମୁଖ ସହଯୋଗ କରିଥିଲେ। ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍‌ର ବରିଷ୍ଠ ପ୍ରବନ୍ଧକ ଚିନ୍ତାମଣି ପାଗଳ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ। ପ୍ରବଳ ଖରା ସତ୍ତ୍ୱେ ଛୁଆଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ଆଧାର କ୍ୟାମ୍ପ୍‌ରେ ଭାଗ ନେଇଥିଲେ। ତତ୍‌ସଙ୍ଗେ ସଙ୍ଗେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍‌ରୁ ଟଙ୍କା ଜମା ଓ ଉଠାଣ ମଧ୍ୟ କରାଯାଇଥିଲା। ଶ୍ରୀ ନାୟକଙ୍କ ଏତାଦୃଶ ଗଣସହଭାଗିତା ନେଇ ଅଂଚଳବାସୀ ଓ ସ୍ଥାନୀୟ ସରପଂଚ ତାଙ୍କର ଭୂୟସୀ ପ୍ରଶଂସା କରିଥିଲେ। ପ୍ରତ୍ୟେକ ଗ୍ରାମରେ ଏପ୍ରକାର କାର୍ଯ୍ୟକ୍ରମ କରାଗଲେ ବହୁ ଲୋକଙ୍କ ପୋଷ୍ଟ ଅଫିସ୍ ପ୍ରତି ଆଗ୍ରହ ବଢିବ ବୋଲି କହିଥିଲେ। ବାଂଶପାଳ ବ୍ଲକ ଉପ-ଡାକଘର ଅଧିନରେ ଥିବା ସମସ୍ତ ଗ୍ରାମୀଣ ଡାକ ସେବକ ଉକ୍ତ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ।




# ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିତୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିତ୍ୟାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଲସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

# ନିରୁଦ୍ଧିଷ୍ଟ ଶ୍ରମିକଙ୍କୁ ଉଦ୍ଧାର ଦାବୀରେ ଦଳିତ ଅଧିକାର ମଂଚର ଥାନାଧିକାରୀଙ୍କୁ ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚ ପକ୍ଷରୁ ନିରୁଦ୍ଧିଷ୍ଟ ଦାଦନ ଶ୍ରମିକ କିଶୋର ବନଛୋରଙ୍କୁ ଉଦ୍ଧାର ଦାବୀରେ ବୋଡେନ ଥାନାଧିକାରୀଙ୍କୁ ୫ ଦଫା ଦାବୀପତ୍ର ପ୍ରଦାନ କରାଯାଇ ତାଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ସୂଚନାମତେ ବୋଡେନ ଥାନା ଅନ୍ତର୍ଗତ ଆମଗୁଡା ଗ୍ରାମର କିଶୋର ବନଛୋର ୨୦୧୯ ମସିହା ମାର୍ଚ୍ଚ ମାସରେ ସିକନ୍ଦରାବାଦକୁ ଦାଦନ ଖଟିବାକୁ ଯାଇଥିଲେ । ତାଙ୍କୁ ସ୍ଥାନୀୟ ବିନୋପୁର ଗ୍ରାମର ଅରୁପ ନିଆଲ ଏବଂ କଂଟାବାଞ୍ଜିର ପାର୍ଥବ ବେହେରା ପଠାଇଥିବା ନେଇ କିଶୋରଙ୍କ ପତ୍ନୀ କୁଳ ବନଛୋର ଜଣାଇଛନ୍ତି । ଏନେଇ ଗତ ୨୧.୮.୨୦୨୦ ରେ କୁଳ ବନଛୋର ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ବୋଡେନ ଥାନାରେ ଲିଖିତ ଅଭିଯୋଗ କରି ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଦାବୀ କରିଥିଲେ । ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାପଡିଛି । ଏନେଇ ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚର ସଭାପତି କମଳ ଚରଣ ତାଣ୍ଡି ଖବର ପାଇ ମଂଚର କର୍ମକର୍ତା ବୋଡେନ ଥାନାଧିକାରୀଙ୍କୁ ଭେଟି ୫ ଦଫା ଦାବୀପତ୍ର ପ୍ରଦାନ କରି ତୁରନ୍ତ କିଶୋରଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ଦାବୀରେ କୁଳ ବନଛୋରଙ୍କ ଏତଲା ଆଧାରରେ ଅରୁପ ନିଆଲ ଓ ପାର୍ଥ ବେହେରାଙ୍କୁ ଥାନାକୁ ଡାକି ସତ୍ୟାସତ୍ୟ ଅନୁସନ୍ଧାନ କରିବା, ଏହି ୨ ଜଣ ସନ୍ତୋଷଜନକ ଉତର ନଦେଲେ ସେମାନଙ୍କୁ ଗିରଫ କରିବା, ପୀଡିତ ପରିବାରଙ୍କୁ ୩ ଲକ୍ଷ ଟଙ୍କା ଆର୍ଥୀକ ସହାୟତା ପ୍ରଦାନ କରିବା, କିଶୋରଙ୍କ ସନ୍ଧାନ ନିମନ୍ତେ ଏକ ତଦନ୍ତକାରୀ ଟିମ ଗଠନ କରିବା, ପ୍ରଶାସନ ତରଫରୁ ପରିବାରଙ୍କୁ ରାସନ ସାମଗ୍ରୀ ପ୍ରଦାନ ପ୍ରମୁଖ ଦାବୀ କରିଛନ୍ତି । ଯଦି ଏସବୁ ସମସ୍ୟାର ସମାଧାନ କରାନଯାଏ ତେବେ ଆଗାମୀ ଦିନରେ ବୋଡେନ ଥାନାକୁ ଘେରାଉ କରିବା ସହ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବୀପତ୍ର ପ୍ରଦାନ ବେଳେ ଦଳିତ ଅଧିକାର ମଂଚର ଜିଲ୍ଲା ସଭାପତିଙ୍କ ସହ ବୋଡେନ ବ୍ଲକ ସଭାପତି ବେଣୁଧର ଜଗତ, ବିଶ୍ୱ ବେହେରା, କାର୍ତିକ ମହାନନ୍ଦ, ଗଣେଷ ବାଗ, ସଞ୍ଜୟ ଜାଲ, ଲମ୍ବୋଦର ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

## ଖାସବାହାଲ ସରପଂଚଙ୍କ କରୋନା ସଚେତନତା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପଂଚାୟତରେ କରୋନା ସଚେତନତା ଅଭିଯାନ ଜାରି ରହିଛି । ସରପଂଚ ଯମୁନା ବାଗଙ୍କ ନେତୃତ୍ୱରେ ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, ଜନ ପ୍ରତିନିଧି, ଏଏନଏମ, ସିଏଲଏଫ କର୍ମକର୍ତା ସମେତ ଗ୍ରାମର ମାଁ ମାନେ ସାମିଲ ରହି ଘରକୁ ଘର ବୁଲି ସଚେତନତା ସୃଷ୍ଟି କରୁଛନ୍ତି । ଦେଶରେ କରୋନା ମହାମାରୀ ରୂପ ଧାରଣ କରି ଗ୍ରାସ କରି ଆସୁଥିବା ବେଳେ କିଛିକାଂଶରେ ଲୋକଙ୍କ ଖାମଖିଆଲି ମନୋଭାବ ଦୂରେଇ ଯାଇନାହିଁ । ତେଣୁ ଘର ଘର ବୁଲି ନାମ ତାଲିକା ପ୍ରସ୍ତୁତ କରି ଆସନ୍ତା ଦିନରେ ସଂଖ୍ୟାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହି ସଚେତନତା ଅଭିଯୋନରେ ସମାଜସେବୀ ପ୍ରେମଲାଲ ବାଗ ସକ୍ରୀୟ ଅଂଶ ଗ୍ରହଣ କରିଥିବା ବେଳେ ଆଶାଦିଦି ସୌଦାମିନୀ ହଂସ, କୁମାରୀ ଶବର, ଡାଳିମ୍ବ ବାଗ, ଅଙ୍ଗନୱାଡି କର୍ମୀ କୁନ୍ତଳା ଶବର, କମଳିନୀ ପଟେଲ, ଜିପିଏଲଏଫ ସଭାନେତ୍ରୀ ପ୍ରମିଳା ଶବର, ୱାର୍ଡସଭ୍ୟା ରକ୍ମଣୀ ଟାହାଣୀ, ସାବେତ୍ରୀ ଶବରଙ୍କ ସମେତ ଅନ୍ୟାନ୍ୟ ମହିଳା ସାମିଲ ଅଛନ୍ତି ।

# କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ

କେନ୍ଦ୍ରାପଡ଼ା, (ପିଏନ)- କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ସମସ୍ତ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଦିନ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ଜିଲ୍ଲାରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରା ଯାଇଥିଲା । ସରକାର ଙ୍କର ସମସ୍ତ ଯୋଯନାକୁ କାର୍ଯ୍ୟକାରୀ କରିବା ପାଇଁ ଏହି ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା । ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଋଣ ପ୍ରଦାନ ଓ ଚାଷୀଙ୍କୁ ଋଣ ପ୍ରଦାନ କୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ପୂର୍ବରୁ ଏହି କମିଟିକୁ ନେଇ ଅନୁଷ୍ଠିତ ହୋଇଥିବା ବୈଠକର କାର୍ଯ୍ୟକାରିତା ଉପରେ ଅଲୋଚନା କରାଯାଇଥିଲା । ପରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଅଗ୍ରଗତି ସଂପର୍କରେ ଆଲୋଚନା କରାଯିବା ସହ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଡିଆର ଡିଏ, ଓ ଏଲ ଏମ, ଅର ଏସ ଇ ଟିଆଇ , ଓ ଏନଜିଓ ମାନଙ୍କ ଦ୍ୱାରା କେଉଁ ପରିମାଣରେ ପ୍ରୋତ୍ସାହନ ଦିଆ ଯାଇଛି, ତାହା ମଧ୍ୟ ଅଲୋଚନା କରାଯାଇଥିଲା । ଏଥି ସହିତ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଆତ୍ମ ନିଯୁକ୍ତି ପାଇଁ କିଭଳି ଋଣ ପ୍ରଦାନ କରିବ ସେ ବିଷୟରେ ବିଶେଷକରି ଆଲୋଚନା କରା ଯାଇଥିଲା । ଏହି ବୈଠକରେ ଏଲଡି ଏମ ଏମ କେ ମିତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଜି ମହାନ୍ତି, ଜିଲ୍ଲା ନାବାର୍ଡ ଅଧିକାରୀ ଅକ୍ଷୟ କୁମାର ଆଚାର୍ଯ୍ୟ , ଜି ଏମ ଡିଆସି ସନ୍ତୋଷ କୁମାର ମିଶ୍ର ଙ୍କ ସହିତ ସମସ୍ତ ବ୍ୟାଙ୍କର ମ୍ୟାନେଜର ଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ରଙ୍ଗତୂଳି କଳାକାର ସଂଘର ସାଧାରଣ ପରିଷଦ ବୈଠକ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତିଗୁଡା ଠାରେ ଜିଲା ରଙ୍ଗତୁଳି କଳାକାର ସଂଘର ଏକ ସାଧାରଣ ପରିଷଦେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ବ୍ଲକର ରଙ୍ଗତୁଳି କଳାକାର ମାନେ ଯୋଗଦେଇଥିଲେ । ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ କରୋନା ସଂକ୍ରମଣର କଟକଣା ଯୋଗୁଁ କିଭଳି ଭାବେ ରୋଜଗାର ପାଇଁ ସମସ୍ୟାରେ ପଡୁଛନ୍ତି ସେ ସଂପର୍କରେ ଆଲେଚାନା କରାଯାଇଥିଲା । ସଭା ପରେ ପରେ ଜିଲା ସ୍ତରୀୟ କର୍ମକର୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରମୋଦ ଦଣ୍ଡିଆ ମନୋନୀତ ହୋଇଥିବା ବେଳେ ସଂପାଦକ ଭାବେ ଗୋବିନ୍ଦ ଭୁକ୍ତା , ଉସ-ଭାତି ଭାବେ ମିଥୁନ୍ ପ୍ରଧାନୀ, ସହ ସଂପଦାକ ଭାବେ ଜଗତସିଂ ପାତ୍ର ଓ କୋଷାଧ୍ୟକ୍ଷ ଭାବେ ସୁନିଲ୍ ବିନ୍ଧାଣୀ ମନୋନିତ ହୋଇଛନ୍ତି । ଏଥି ସହିତ କାର୍ଯ୍ୟକାରି ସଭ୍ୟ ଭାବେ ଅଶ୍ୱିନୀ କୁମାର ବିଷୋୟୀ , ବିଷ୍ଣୁ ଚରଣ ବେହେରା , ସୁନିଲ୍ ନାୟକ , ଶ୍ରୀକାନ୍ତ ପ୍ରଧାନୀ , ଲକ୍ଷ୍ମୀଣ ପ୍ରଧାନ ପ୍ରମୁଖ ମନୋନିତ ହୋଇଛନ୍ତି । କରୋନା କଟକଣା ଯୋଗୁଁ ବର୍ତମାନ କଳାକାର ମାନଙ୍କର ରୋଜଗାର ପନ୍ଥା ସଂପୂର୍ଣ୍ଣଭାବେ ବନ୍ଦ ହୋଇଯାଇଥିବା ବେଳେ ଅନେକ କଳାକାର ଜୀବିକା ହରାଇବା ସହିତ ପରବାର ପ୍ରତିପୋଷଣ କରିବା ସମସ୍ୟା ସୃଷ୍ଟି ହୋଇଛି । ଜିଲାରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ ରଙ୍ଗତୁଳି କାଳାକାର ଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାର ଏହି କଳାକାର ମାନଙ୍କ ପାଇଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି । ସେମାନଙ୍କର ଏହି ଆର୍ଥିକ ଅନାଟନ ବେଳେ ସେମାନଙ୍କୁ ଜିଲା ପ୍ରଶାସନ କାମ ଯୋଗାଇ ଦେବା ପାଇଁ ଦାବୀ କରାଯିବା ସମ୍ପର୍କରେ ବୈଠକରେ ନିଷ୍ପତି ନିଆଯାଇଥିଲା ।

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference

- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

### ବାଇକ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲା ନିକିରାଇ ଥାନା ଅଧିନ ନିକିରାଇ ଠାରେ ଏକ ବାଇକ ଦୁର୍ଘଟଣାରେ ଜଣେ ଶ୍ରମିକ ମୃତ୍ୟୁ ବରଣ କରିଛନ୍ତି । କେନ୍ଦ୍ରାପଡା ସଦର ଥାନା ଅଧିନ ନାଗେଶ୍ୱରପୁର ଗ୍ରାମର ସମିମ ଖାନ ଇନ୍ଦୁପୁରରୁ ମଙ୍ଗଳବାର ଦିନ ୩ଟା ସମୟରେ ଗାଁକୁ ଫେରୁଥିବା ବେଳେ ନିକିରାଇ ଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।

# କେନ୍ଦୁଝର ଜିଲ୍ଲା କୃଷି କାର୍ଯ୍ୟାଳୟରେ ବଳରାମ ଯୋଜନାର ତାଲିମ୍ ଶିବିର




କେନ୍ଦୁଝର(ପିଏନ)- ସଂପ୍ରତି କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଉପଖଣ୍ଡ କୃଷି ଓ ସୂଚନା ପରାମର୍ଶ କେନ୍ଦ୍ର ପରିସରରେ ବଳରାମ ଯୋଜନା ସମ୍ପର୍କରେ ଏକ ଦିନିକିଆ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଭୂମିହୀନ ଭାଗ ଚାଷି ମାନଙ୍କୁ ବ୍ୟାଙ୍କ୍ ସହିତ ଯୋଡି ସେମାନଙ୍କୁ କୃଷି ଋଣ ଯୋଗାଇ ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଉକ୍ତ ତାଲିମ୍ ଶିବିରରେ ବ୍ଲକ କୃଷି ଅଧିକାରୀ ଘାଷିରାମ ପାତ୍ରଙ୍କ ଅଧ୍ୟକ୍ଷତାରେ ତାଲିମ୍ ଶିବିର ଆରମ୍ଭ ହୋଇଥିଲା । ଏହି ତାଲିମ୍ ଶିବିରରେ ଜିଲ୍ଲାର ବିଭିନ୍ନ ବ୍ୟାଙ୍କ୍ର ଅଧିକାରୀ, ଲ୍ୟାମ୍ପ ଅଧିକାରୀ, ଗ୍ରାମ୍ୟ କୃଷି କର୍ମଚାରୀ, ଉଦ୍ୟାନ ଅଧିକାରୀ, କୃଷକ ସାଥୀ ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ । କୃଷି ଅଧିକାରୀ ରଘୁନାଥ ସାହୁ ପ୍ରଶିକ୍ଷାର୍ଥୀ ମାନଙ୍କୁ ତାଲିମ୍ର ଉଦ୍ଦେଶ୍ୟ ବିସ୍ତୃତ ଭାବରେ ବୁଝାଇ ଥିଲେ । ନିଜସ୍ୱ ଚାଷ ଜମି ନଥିବାରୁ ଭୂମିହୀନ ଭାଗ ଚାଷୀମାନେ ବିଭିନ୍ନ ସରକାରୀ ସୁବିଧାରୁ ବଂଚିତ ହେଉଛନ୍ତି । ଏପରିକି ଭାଗଚାଷ କରୁଥିଲେ ମଧ କୌଣସି ବ୍ୟାଙ୍କ୍ କିମ୍ବା ସେବା ସମବାୟ ସମିତି ପଞ୍ଜିକୃତ ଚାଷ ଜମି ନଥିବାରୁ ଋଣ ପ୍ରଦାନ କରୁନାହିଁ । ଏପରି ସ୍ଥଳେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସେ ପ୍ରକାର ଚାଷୀଙ୍କୁ ଚିହ୍ନଟ କରି ବ୍ୟାଙ୍କ୍ ଓ ସମବାୟ ସଂସ୍ଥା ସେମାନଙ୍କୁ ସହାୟତା କରିବାକୁ ହାତ ବଢାଇବାକୁ ଅନୁରୋଧ କରିଥିଲେ । ଆତ୍ମାର ସହକାରୀ ବୈଷୟୀକ ପରିଚାଳକ ଶିବ ଶଙ୍କର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସରକାରଙ୍କ ଏହି ବଳରାମ ଯୋଜନା କିଭଳି ସଫଳ ହେବ ସେଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଶ୍ରୀ ମିଶ୍ର କହିଥିଲେ ।

# ମାଟି ବୋଝେଇ ଟ୍ରାକ୍ଟର ଜବତ୍ ପରେ ବନ ବିଭାଗ ଦେଖାଇଲା ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଘଟଣାର ତଦନ୍ତ ଦାବୀ

କେନ୍ଦୁଝର(ପିଏନ)-କେନ୍ଦୁଝର ସଦର ରେଞ୍ଜ ଟାଉନ ସେକ୍ସନ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲର ମହାଦେଇପୁରଠାରେ ବନ ବିଭାଗ ଗତକାଲି ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ୍ କରିଛି । ଜଙ୍ଗଲ ଭିତରେ ଓଆର୦୯କେ ୦୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ମାଟି ଚାଲାଣ କରୁଥିବାବେଳେ ବନ ବିଭାଗ ଚଢଉ କରି ଟ୍ରାକ୍ଟର ଜବତ୍ କରିଥିଲା । ତେବେ ବନ ବିଭାଗ ଜବତ୍ ଗାଡିକୁ ବେଲଦା ସଂରକ୍ଷିତ ଜଙ୍ଗଲ ନଦେଖାଇ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ୍ ହେବା ଦର୍ଶାଇଥିବା ଜବତ୍ ଗାଡି ମାଲିକ ମହେଶ୍ୱର ନାୟକ କହିଛନ୍ତି । ତେବେ କେଉଁ ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରେ ଜବତ୍ ଗାଡି ଅନ୍ୟ ସ୍ଥାନରେ ଦେଖାଉଛି ତାହା ତଦନ୍ତ କରିବାକୁ ଦାବୀ ହୋଇଛି । ସୂଚନା ଯୋଗ୍ୟ ଯେ, ବେଲଦା ସଂରକ୍ଷିତ ଜଙ୍ଗଲର ବେଲଦା, କେନ୍ଦୁଆ, ଭାଲୁଘର, ପୋଟଳ, ମଥୁରାମଣ୍ଡଳୀ ଅଞ୍ଚଳରେ ଦିନ ରାତି ଅବାଧରେ ମାଟି,ମୋରମ ଏବଂ ପଥର ଚୋରୀ ହେଉଥିବାବେଳେ ବନ ବିଭାଗର ସ୍ଥାଣୁତା ଯୋଗୁଁ ଲଘୁ ଖଣିଜ ସମ୍ପଦ ଲୁଟ ସହ ଜଙ୍ଗଲ ନଷ୍ଟ ହେଉଛି । ବନ କର୍ମଚାରୀ ପେଟ୍ରୋଲିଂ କରୁନଥିବା ସୁଯୋଗରେ ମାଫିଆ ମାନେ ସ୍ଥାନୀୟ ଲୋକଙ୍କ ଅଳ୍ପ କିଛି ମଜୁରୀ ଦେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘ ଦିନ ଧରି ଚୋରୀ କରୁଥିଲେ ହେଁ ଧରପଗଡ



କରାଯାଉନାହିଁ । ଜଙ୍ଗଲ ଭିତରେ ନିୟମିତ ଚୋରୀ ଯୋଗୁଁ ବଡ ବଡ ଗାତ ସୃଷ୍ଟି ହୋଇ ବନ୍ୟ ଜୀବଜନ୍ତୁଙ୍କ ପାଇଁ ବିପଦର କାରଣ ହୋଇଛି । ସଂରକ୍ଷିତ ଜଙ୍ଗଲରେ ବାହାର ଲୋକ ଏବଂ ଗାଡି ପ୍ରବେଶ ବାରଣ ଥିଲେ ମଧ ବେଲଦା ଏବଂ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ରାସ୍ତା କରି ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି । ଡିଏଫଓ ସ୍ୱୟମ ମଲ୍ଲିକ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ପରିବେଶପ୍ରେମୀ ମାନେ ଦାବୀ କରିଛନ୍ତି । ନେଲୁଙ୍ଗ ଏବଂ ବେଲଦା ସଂରକ୍ଷତ ଜଙ୍ଗଲରେ ଗତ ୩/୪ ବର୍ଷ ମଧରେ ବହୁ ପୁରାତନ ବୃକ୍ଷ ଏବଂ କୋଟି କୋଟି ଟଙ୍କାର ଲଘୁ ଖଣିଜ ସମ୍ପଦ ଲୁଟ ହୋଇଥିବାବେଳେ ଏହାର ଆକଳନ କରି ଦାୟିତ୍ୱରେ ଅବହେଳା କରିଥିବା ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କଠାରୁ ଆଦାୟ କରିବାକୁ ଦାବୀ ହୋଇଛି ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Thursday June 30, 2022 | ଭୁବନେଶ୍ୱର ଗୁରୁବାର, ଜୁନ ୩୦,୨୦୨୨ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮


## କଂଗ୍ରେସର ବିଶାଳ ସମାବେଶ : କ୍ଷମତାକୁ ଆସିଲେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମିଳିବ ମାଗଣା ବିଦ୍ୟୁତ୍



ବାଲେଶ୍ୱର,(ପି.ଏନ): ଓଡ଼ିଶା ତଥା ବାଲେଶ୍ୱର ଜିଲ୍ଲାର ଜନସାଧାରଣ ଆଗାମୀ ୨୦୨୪ ନିର୍ବାଚନରେ କଂଗ୍ରେସ ଦଳକୁ ଶାସନ କ୍ଷମତା ଦିଅନ୍ତୁ। ଆମେ ପ୍ରଥମେ ସମସ୍ତଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦେବୁ। ବୁଧବାର ସ୍ଥାନୀୟ ଆଇଟିଆଇ ପଡ଼ିଆରେ ପ୍ରଦେଶ କଂଗ୍ରେସ କମିଟିର ଜନ୍ ସଂପର୍କ ଅଭିଯାନ ଉପଲକ୍ଷେ ଆୟୋଜିତ ବିଶାଳ କର୍ମୀ ସମାବେଶକୁ ଉଦ୍‌ଘାଟନ ଦେଇ ପିସିସି. ସଭାପତି ଶରତ ପଟ୍ଟନାୟକ ଏହି ପ୍ରତିଶ୍ରୁତି ଦେଇଛନ୍ତି। ଦଳ କ୍ଷମତାକୁ ଆସିବା ପରେ ରାଜ୍ୟର ଯୁବକ, ମହିଳା, ବୃଦ୍ଧମାନଙ୍କ ପାଇଁ ଆହୁରି ନୂଆ ନୂଆ ଯୋଜନା ଆରମ୍ଭ କରିବ। କଂଗ୍ରେସ ଦଳ ଯାହା ପ୍ରତିଶ୍ରୁତି ଦିଏ ତାହା କାମରେ କରି ଦେଖାଏ। ଓଡ଼ିଶା ତଥା ବଲେଶ୍ୱର ଜିଲ୍ଲାରେ ବୃହତ ଶିଳ୍ପ କଂଗ୍ରେସ ସରକାରଙ୍କ ଅମଳରେ ପ୍ରତିଷ୍ଠା ହୋଇଥିଲା। ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶାସନ କାଳରେ ହଜାରେ ଦିନରେ ହଜାରେ ଶିଳ୍ପ ପ୍ରତିଷ୍ଠା ସମ୍ଭବପର ହୋଇଥିଲା। ମାତ୍ର ଦୀଘ ୨୨ ବର୍ଷ ନବୀନ ପଟ୍ଟନାୟକଙ୍କ ସରକାର କ୍ଷମତା ରେ ରହି ବାଲେଶ୍ୱରରେ ଗୋଟିଏ ଛୁଂଚି କାରଖାନା ଟାଏ ପ୍ରତିଷ୍ଠା କରିପାରିଲେ ନାହିଁ। ବରଂ ଅମଳରେ ପ୍ରତିଷ୍ଠିତ ହୋଇଥିବା ବିଲାଟାୟାର୍ସ ଇସ୍ପାତ ଆଲୋଏଜ ଭଳି ଅନେକ ବୃହତ ଶିଳ୍ପକୁ ରୁଗ୍ଣ କରିଦେଲେ। ସେ ଗୁଡ଼ିକ ବନ୍ଦ ହେବା ଫଳରେ ହଜାର ହଜାର ଶ୍ରମିକ ଓ କର୍ମଚାରୀ ଆଜି ଭୋକିଲା ରହୁଛନ୍ତି। କେବଳ ରାସ୍ତା ଓ ପୋଲ ନିର୍ମାଣ କରି ବିକାଶର ଡଣ୍ଡିମ ପିଟୁଛନ୍ତି। ନବୀନ ଧାନ, ପାନ ଓ ମୀନର ଜିଲ୍ଲାରେ ବନ୍ଦର ପ୍ରତିଷ୍ଠା ନାରେ ବିଗତ ପନ୍ଦର ବର୍ଷ ଧରି ବାଲିଆପାଳ ଚୌମୁଖରେ ଭାଣ୍ଡାମୀ ଚାଲିଛି। ସସ୍ୟ ଶ୍ୟାମଳା ବାଲିଆପାଳର ଚାଷିଙ୍କ ସ୍ୱାର୍ଥକୁ ପାଦରେ ଦଳି ଦେଇ କମ୍ପାନୀର ସ୍ୱାର୍ଥ ରଖିବା ପାଇଁ ନବୀନ ଓ ନରେନ୍ଦ୍ର ମୋଦି ତତ୍ପର ହୋଇ ପଡ଼ିଛନ୍ତି। ଓଡ଼ିଶାବାସୀ ମଧ୍ୟ ନିର୍ବାଚନ ଆସିଲେ ୫୦୦ ଟଙ୍କାରେ ନିଜର ନିଜର ଭୋଟକୁ ବିକ୍ରି ନ କରିବାକୁ ଶରତ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ। ଦିନକୁ ୨୮ ପଇସାରେ ଭୋଟ ବିକ୍ରି କରି ଗଣତନ୍ତ୍ରକୁ ବିପଦରେ ନ ପକାନ୍ତୁ। ଭୀକ୍ଷୁକ ଟିଏ ମଧ୍ୟ ୫ ପଇସା ଦେଲେ ନେଉ ନାହିଁ। ତେଣୁ ଭୋଟର ମୁଲ୍ୟ କଣ ୨୮ ପଇସା କି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରି ଏହି ଜିଲ୍ଲାରେ ଏକ କୃଷି ବିଶ୍ୱ ବିଦ୍ୟାଳୟଚ ପ୍ରତିଷ୍ଠା ରାଜସ୍ୱ କମିଶନର ଅଫିସ ପ୍ରତିଷ୍ଠା ଦାବିକୁ କାହିଁକି ସରକାର ଅଣଦେଖା କରିଚାଲିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ୯ ରୁ ୯୦ ଶ୍ଲୋଗାନକୁ ଦହରାଇ ସେ କହିଥିଲେ କି ଆମେ ବିଧାନ ସଭାରେ ୯ ଜଣ ବିଧାୟକ ଅଛନ୍ତି ମାତ୍ର ୨୦୨୪ରେ ଆମେ ୯୦ ଜଣ ବିଧାନ ସଭାକୁ ଯିବୁ ଓ ସରକାର ଗଢ଼ିବୁ। ଏଥିପାଇଁ ଆମର କର୍ମୀମାନେ ଆଜିଠାରୁ ଗାଁ ଗାଁରେ ଜନ ସମ୍ପର୍କ ଆରମ୍ଭ କରି ନବୀନ, ନରେନ୍ଦ ମୋଦୀଙ୍କ ମିଥ୍ୟା ପ୍ରତିଶ୍ରୁତି ଓ ପ୍ରବଞ୍ଚନା ସମ୍ପର୍କରେ ସଚେତନ କରାନ୍ତୁ। ଟଙ୍କାକିଆ ଚାଉଳ ଦେଇ ଲୋକଙ୍କ ବିକାଶ ହୋଇଗଲା ବୋଲି ନବୀନ ଓ ମୋଦି ଯଦି ଭାବୁଛନ୍ତି ତେବେ ଏହା ଓଡ଼ିଶାବାସୀଙ୍କ ଆତ୍ମସମ୍ମାନ କୁ ବାଧା ଦେଉଛନ୍ତି ବୋଲି ଲେକେ ଭାବିବା ଉଚିତ। ଦଳର କର୍ମୀ ମାନେ ସଂଘ ବଦ୍ଧ ହୋଇ ଦଳ ର ସଂଘଟନ କୁ ୱାର୍ଡ଼ ସ୍ତରରେ ମଜବୁତ କରିବାକୁ ଶରତ ପଟ୍ଟନାୟକ ନିବେଦନ କରିଥିଲେ। ଯେଉଁମାନେ କ୍ଷମତା ଲୋଭରେ ଦଳ ଛାଡ଼ି ପର ଘରେ ରହିଛନ୍ତି ସେମାନେ ଭଡ଼ା ଘରେ କେତେ ଦିନ ରହିବେ ବୋଲି ସେ ପ୍ରଶ୍ନ କରିବା ସହ ନିଜ ଘରକୁ ଫେରି ଆସିବାକୁ ପରାମର୍ଶ ଦେଇଥିଲେ। ବାଲେଶ୍ୱର ଲୋକ ସଭା ନିର୍ବାଚନୀ ମଣ୍ଡଳୀର ନେତା ନବଜ୍ୟୋତୀ ପଟ୍ଟନାୟକ କହିଥିଲେ କି ଉତ୍ତର ଓଡ଼ିଶା ସମେତ ସମଗ୍ର ଓଡ଼ିଶାରେ ଶିଳ୍ପ କୃଷି, କ୍ଷୁଦ୍ର ଶିଳ୍ପର ବିକାଶ କରିଥିଲା। କଂଗ୍ରେସ ସରକାର ବାଲେଶ୍ୱରରେ ଏମ୍ସ ନସି ବିଜ୍‌ନେସ ପାର୍କ ସିପେଟ, ବିଲା ଟାୟାର୍ସ, ଇମାମୀ ପେପର ମିଲ୍ସ, ଇସ୍ପାତ ଆଲୋୟଜ କଂଗ୍ରେସ ଅମଳରେ ପ୍ରତିଷ୍ଠା ହୋଇଥିଲା। ଜିଲ୍ଲାରେ ଚଳିତ ମାସ ୯ ଟି ହତ୍ୟା କାଣ୍ଡ ଘଟିସାରିଲାଣି। ମାଆ, ଭଉଣୀ ମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ କୁ କ୍ଷମତାକୁ ଆଣିବା ପାଇଁ ସମସ୍ତ କର୍ମୀ ଆଜିଠାରୁ ପ୍ରତି ୱାର୍ଡ଼କୁ ଯାଇ ଲୋକଙ୍କ ହାନୀ ଲାଭ ବୁଝିବା ସହ ସ୍ଥାନୀୟ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଶାନ୍ତିପୂର୍ଣ୍ଣ ଅନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ ଶ୍ରୀ ପଟ୍ଟନାୟକ।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପୁଣ୍ୟତିଥି

ଧର୍ମଶାଳା,(ପିଏନ୍): ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଜାରକାସ୍ଥିତ ପ୍ରେସ୍‌କ୍ଲବ ଧର୍ମଶାଳା ପରିସରରେ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୪ତମ ପୁଣ୍ୟତିଥି ଅନୁଷ୍ଠିତ ହୋଇଯାଇଛି। ଏଥି ପୂର୍ବରୁ ଆଜି ସକାଳେ ବ୍ରାହ୍ମଣୀ ନଦୀର ଗୋକର୍ଣ୍ଣେଶ୍ୱର ଘାଟରେ ଅନୁଷ୍ଠାନ ପକ୍ଷରୁ ତିଳତର୍ପଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଉଦଘାଟକ ଭାବେ ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ମୁଖ୍ୟ ଅତିଥିଭାବେ ବ୍ୟାସନଗର କଲେଜର ପୂର୍ବତନ ଅଧକ୍ଷ ଶିବଚରଣ ମାଝୀ, ମୁଖ୍ୟବକ୍ତା ଭାବେ ପ୍ରାବନ୍ଧିକ ଡକ୍ଟର ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ସେବା ସାହିତ୍ୟ ଓ ସମର୍ପଣର ସଂଗ୍ରାମର ସେତୁ ଥିଲେ ଗୋପବନ୍ଧୁ, ସେବା ଓ ତ୍ୟାଗର ପ୍ରତୀକ ତଥା 'ସମାଜ' ସମ୍ବାଦପତ୍ରର ପ୍ରତିଷ୍ଠାତା ଗୋପବନ୍ଧୁ ମହାନ ଦେଶ ସେବକ ଥିଲେ। ଓଡ଼ିଶାରେ ବନ୍ୟା, ମରୁଡ଼ି ପ୍ରଭୃତି ବିପର୍ଯ୍ୟୟ ଦେଖାଦେଲା ବେଳେ ଗୋପବନ୍ଧୁଙ୍କୁ ଓଡ଼ିଶାବାସୀ ଏବେବି ବି ମନେପକାନ୍ତି ବୋଲି ଅତିଥି ଓ ବକ୍ତାମାନେ ମତପ୍ରକାଶ କରିଥିଲେ। ଉପସଭାପତି ମାଧୁରୀ ଶତପଥୀ ଗୋପବଂଧୁଙ୍କ ରଚନାରୁ ଏକ ପ୍ରାର୍ଥନା ଆବୃତ୍ତି କରି ସ୍ୱାଗତ ଭାଷଣ ଦେଇଥିବାବେଳେ ଅନ୍ୟତମ ଉପସଭାପତି ମିନତି ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ପୂଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ଜୀବନାଦର୍ଶ ଉପରେ ଆଲୋଚନାଚକ୍ର

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା-ଯାଜପୁର ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ଇନ୍ଦୁପୁର ଗୋପବନ୍ଧୁ ପାଠାଗାରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୀବନଦର୍ଶନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶିକ୍ଷାବିତ ନୀଳମାଧବ ପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଇନ୍ଦୁପୁର ପଞ୍ଚାୟତର ସରପଞ୍ଚପ୍ରଦୀପ୍ତରଞ୍ଜନ ସୂତାର, ସଂସଦର ଆବାହକ ମୁରଲୀଧର ବିଶ୍ୱାଳ, ଶିକ୍ଷାବିତ ପ୍ରଣବ କୁମାର ଜେନା, ବାନାମ୍ବର ସେଠୀ, ଦୁଷ୍ମନ୍ତ କୁମାର ମଳିକ, ଅନାଦି ଚରଣ ଦାସ, ପଦ୍ମୁମ୍ନ କୁମାର ମଳିକ, ବଳରାମ ଦାସ, ପ୍ରକାଶ ଜେନା ପ୍ରମୁଖ ଏହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ପଣ୍ଡିତ ଦାସ କେବଳ ଓଡିଶାର ମଣି ନଥିଲେ ପରନ୍ତୁ ଭାରତବର୍ଷର ମଣି ଥିଲେ ବୋଲି ଅଭିମତ ରଖିବା ସହ ଆଜିବି ଓଡିଶାର ସାଢେ ଚାରିକୋଟି ଜନତାଙ୍କ ହୃଦୟରେ ସେ ଅଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ଞାନେନ୍ଦ୍ର କୁମାର ବାରିକ, ଗୌରାଙ୍ଗ ଚରଣ ସାହୁ, ଶ୍ରଦ୍ଧାଞ୍ଜଳି ମଳିକ, ତୁଷାରରଞ୍ଜନ ନାୟକ, ପ୍ରମଥ ପ୍ରସାଦ ରାୟ, ବିଜନ କୁମାର ମଳିକ, ଦୌତାରୀ ସାହୁ, ଶିବ ପ୍ରସାଦ ସିଂହ, କମଳ କୁମାର ଜେନା, ନିତ୍ୟାନନ୍ଦ ଜେନା, ମନୋଜ କୁମାର ବିହାରୀ, ବିଜୟ କୁମାର ମଳିକ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନଦର୍ଶନ ଉପରେ ଆଲୋକପାତ କରିଥିଲେ। ଶେଷରେ ବେଣୁଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଗବତ ପ୍ରସାଦ ମହାନ୍ତିଙ୍କ ୯୫ତମ ଜନ୍ମ ବାର୍ଷିକୀ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,(ପି.ଏନ): ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ପକ୍ଷରୁ ସ୍ୱର୍ଗତ ମହାନ୍ତିଙ୍କ ୯୫ତମ ଜନ୍ମ ବାର୍ଷିକୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ପୂର୍ବାହ୍ନରେ କେନ୍ଦ୍ରାପଡା ସହରର କାକଟସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଟ୍ରଷ୍ଟର ଅଧକ୍ଷ ଗୁରୁ ପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୭ତାରିଖରେ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ଜନ୍ମବାର୍ଷିକୀ ପାଳନ ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଗାୟତ୍ରୀ ମହାନ୍ତି, ସୁଶିଲ କୁମାର ସାମଲ, ଫକୀର ଚରଣ ଖଟୁଆ, ମହେନ୍ଦ୍ର ପରିଡା, ବସନ୍ତ ସେଠୀ, ଶରତ ବେହୁରା, ଦୟାନିଧି ଜେନା, ଭ୍ରମରବର ରାଉତ, ରଘୁନାଥ ଶତପଥୀ, ବିଧୁଭୂଷଣ ମହାପାତ୍ର, ଶ୍ରୀକାନ୍ତ ନାୟକ, ମୁକ୍ତାର ଖାଁ, ତପନ ପ୍ରଧାନ, ଶ୍ରୀଧର ନାଥ, କୃଷ୍ଣ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆରିକମା ସେବା ସମବାୟ ସମିତି ନିର୍ବାଚନରେ ମେଂଟର ବିଜୟ



ଖୋର୍ଦ୍ଧା,(ପିଏନ): ବୋଲଗଡ ବ୍ଲକ ଅନ୍ତର୍ଗତ ଆରିକମା ସେବା ସମବାୟ ସମିତିର ନିର୍ବାଚନରେ ମେଂଟର ବିପୁଳ ଭାବରେ ଭୋଟ ପାଇ ବିଜୟ ଲାଭ କରିଥିଲା ।ତେବେ ବିଜୁ ଜନତା ଦଳର ସରପଂଚଙ୍କ ସମର୍ଥିତ ସଦସ୍ୟମାନେ ଶୋଚନୀୟ ଭାବରେ ପରାସ୍ତ ହୋଇଛନ୍ତି । ପ୍ରକାଶ ଯୋଗ୍ୟ ଯେ ବୋଲଗଡ ବ୍ଲକର ଦ୍ୱିତୀୟ ପର୍ଯ୍ୟାୟ ସେବା ସମବାୟ ନିର୍ବାଚନ ଫଳାଫଳ ରବିବାର ଦି ଘୋଷଣା କରାଯାଇଥିଲା ।ଆରିକମା ସେବା ସମବାୟ ନିର୍ବାଚନରେ ୧୫ ଗୋଟି ନିର୍ଦ୍ଦେଶକ ପଦବୀ ପାଇଁ ୫୭୬ ଜଣ ପଞ୍ଜୀକୃତ ଚାଷୀ ଭୋଟ ଦେଇଥିଲେ । ଏହି ସେବା ସମବାୟ ସମିତିରେ ଗୋପନ୍ଧୁ ଦାସ,ପୂର୍ଣ୍ଣ ଚନ୍ଦ୍ର ମହାରଣା,ସୂର୍ଯ୍ୟ ନାରାୟଣ ପଣ୍ଡା,ଜିତେନ୍ଦ୍ର କୁମାର ସାହୁ,ଜଗବନ୍ଧୁ ମାର୍ଥା,ସୁକାନ୍ତ କୁମାର ବେହେରା, ପ୍ରଭାତ ଦଳେଇ,ସତ୍ୟଭାମା ଦାସ,ଜୟକୃଷ୍ଣ ପ୍ରହରାଜ,ପ୍ରତିମା ବିଶ୍ୱାଳ ଓ ଶରତ ପରିଡା ପ୍ରମୁଖ ମେଂଟ ପକ୍ଷରୁ ବିଜୟ ହାସଲ କରିଥିବାରୁ ବିଜେଡିର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଶୁଭେଚ୍ଛା ଜଣାଇଛନ୍ତି । ଅନ୍ୟ ୩ ଜଣ ସରପଂଚଙ୍କ ସମର୍ଥିତ ଯଥା ଶ୍ୟାମ ସୁନ୍ଦର ସାହୁ,ଭରତ ବିଶ୍ୱାଳ ଓ ରମେଶ ଦାସ ବିଜୟ ଲାଭ କରିଥିବା ବେଳେ ମେଂଟ ପକ୍ଷରୁ ବିଜୟ ଲାଭ କରିଥିବା ପ୍ରାର୍ଥୀଙ୍କ ପକ୍ଷରୁ ଶରତ ପରିଡା ସଭାପତି ପଦବୀ ପାଇଁ ମନୋନୀତ ହୋଇଛନ୍ତି ।

## ବିବାହ ସ୍ଥିର ହୋଇଥିବା ଯୁବତୀକୁ ହଇରାଣ କରି ଯୁବକ ଗିରଫ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଂଚଳରେ ବିବାହ ସ୍ଥିର ହୋଇଥିବା ଜଣେ ଯୁବତୀକୁ ଅବ୍ୟ ଜଣେ ଯୁବକ ହଇରାଣ କରୁଥିବା ଅଭିଯୋଗରେ ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ, ଏହି ଥାନା ବୃନ୍ଦାଦେଇପୁର ଗ୍ରାମର ବେଣୁଧର ପଣ୍ଡାଙ୍କ ଝିଅର ଆସନ୍ତା ଜୁଲାଇ ୮ ତାରିଖରେ ବିବାହ ହେବା ପାଇଁ ସ୍ଥିର ହୋଇଛି । ତେବେ ସୁକିନ୍ଦା ଥାନା ବମ୍ଫିଲୋ ଗ୍ରାମର ନିର୍ମାଲ୍ୟ ପରିଡା (୨୬) ବିବାହ ଭାଙ୍ଗି ଦେବା ଲାଗି ବରଘର ଉପରେ ଚାପ ପକାଇବା ସହ ଯୁବତୀକୁ ନିଜେ ବିବାହ କରିବାକୁ ଉଦ୍ୟମ କରୁଛି । ଏପରିକି ସୋମାବାର ସେ ଯୁବତୀଙ୍କ ଘର ନିକଟକୁ ଆସି ତାକୁ ଜୋରଜବରଦସ୍ତ ନେଇ ଯିବା ପାଇଁ ଚେଷ୍ଟା କରିଥିଲା । ଏନେଇ ଯୁବତୀର ବାପା ବେଣୁଧର ଗତକାଲି ଜେନାପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ୧୭୨/୨୨ରେ ଏକ କେଶ ରୁଜୁ କରି ଅଭିଯୁକ୍ତକୁ ଆଜି ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ଅଙ୍ଗନବାଡ଼ି କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ



ଧର୍ମଶାଳା, (ପିଏନ୍): ଅଙ୍ଗନବାଡ଼ି କର୍ମୀଙ୍କୁ ଗୋଡ଼େଇ ଗୋଡ଼େଇ ବାଉଁଶରେ ପିଟିଲା ଦୁର୍ବୃତ । ଦୁର୍ବୃତର ମରଣାନ୍ତକ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି ଧର୍ମଶାଳା ଥାନା ଚୋରମୁହାଁ ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ର-୧ର କର୍ମୀ ତିଳୋତମା ବେହେରା(୪୫) । ଆକ୍ରମଣ ପରେ ଅଭିଯୁକ୍ତ ଚୋରମୁହାଁ ଗ୍ରାମର ରାକେଶ ଦାସ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି । ରକ୍ତ ଜୁଡୁବୁଡୁ ଅବସ୍ଥାରେ ତିଳୋତମାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା କରାଯାଉଛି । ଅଭିଯୋଗ ପାଇ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ହେଁ, ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇନାହିଁ । ଘଟଣାରୁ ପ୍ରକାଶ ଯେ, ତିଳୋତମା ଆଜି ପୂର୍ବାହ୍ନ ୧୦ଟାରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଚାଲି ଚାଲି ଯାଉଥିଲେ । ସାଙ୍ଗରେ ଦୁଇ ଜଣ ଛାତ୍ରଛାତ୍ରୀ ଓ ଜଣେ ମହିଳା ଅଭିଭାବକ ଯାଉଥିଲେ । ଏହି ସମୟରେ ରାକେଶ ମୁହଁରେ ଏକ ଗାମୁଛା ଭିଡ଼ି ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖ ପଡ଼ିଆରେ ହଠାତ୍ ତିଳୋତମାଙ୍କୁ ଏକ ବାଉଁଶରେ ପିଟିଥିଲା । ତିଳୋତମା ଜୀବନ ବଞ୍ଚାଇବାକୁ ଅଙ୍ଗନବାଡ଼ି କେନ୍ଦ୍ରକୁ ଦୌଡ଼ି ଚାଲି ଯାଇଥିଲେ ହେଁ, ରାକେଶ ଗୋଡ଼େଇ ଗୋଡ଼େଇ ତାଙ୍କୁ ପିଟିଥିଲା । ଫଳରେ ତିଳୋତମା ଅଙ୍ଗନବାଡ଼ି କେନ୍ଦ୍ର ବାରଣ୍ଡାରେ ପଡ଼ି ଅଚେତ ହୋଇ ଯାଇଥିଲେ । ତାଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା । ତୁରନ୍ତ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଏ ସଂପର୍କରେ ତିଳୋତମାଙ୍କ ସ୍ୱାମୀ ଚୋରମୁହାଁ ଗ୍ରାମର କାର୍ତ୍ତିକ ଚନ୍ଦ୍ର ବେହେରା ଧର୍ମଶାଳା ଥାନାରେ ଏତଲା ଦେଇଥିଲେ । ସେହିପରି ଧର୍ମଶାଳା ସିଡିପିଓ ସୁକ୍ତା ସାହୁ ଡାକ୍ତଖାନାରେ ପହଞ୍ଚି ତିଳୋତମାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଘଟଣା ସଂପର୍କରେ ଥାନାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସୂଚନା ଯୋଗ୍ୟ, ଅଭିଯୁକ୍ତ ରାକେଶ କିଛିଦିନ ହେଲା ତିଳୋତମାଙ୍କୁ ପିଛା କରୁଥିବା ବେଳେ ତାଙ୍କୁ ପ୍ରେମ ନିବେଦନ କରୁଥିବା ଜଣାପଡ଼ିଛି । ଏଥିରେ ବିଫଳ ହେଉଥିବାରୁ ପୂର୍ବରୁ ମଧ୍ୟ ସେ ତାଙ୍କୁ ଏକାଧିକ ଥର ଆକ୍ରମଣ କରିଛି । ବାରମ୍ବାର ତିଳୋତମାଙ୍କୁ ଗାଳିଗୁଲଜ ଓ ଆକ୍ରମଣ କରିବାରୁ ନିକଟରେ ରାକେଶ ବିରୋଧରେ ଥାନାରେ ଏତଲା ଦିଆଯାଇଥିଲା । ଗିରଫ ଭୟରେ କିଛିଦିନ ହେଲା ସେ ଫେରାର ହୋଇଯାଇଥିଲା । ଗତକାଲି ସେ ଗାଁକୁ ଫେରିଥିବା ବେଳେ ଆଜି ପୁଣି ତିଳୋତମାଙ୍କୁ ଆକ୍ରମଣ କରି ଫେରାର୍ ହୋଇଯାଇଛି । କିଛିବର୍ଷ ହେଲା ତିଳୋତମା ନିଜ ଝିଅ ବିବାହ କରି ସାରିଥିବା ବେଳେ ତାଙ୍କର ଦୁଇ ଜଣ ନାତିନାତୁଣୀ ଅଛନ୍ତି । ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray